ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.212 Bhubaneswar Saturday, October 09, 2021 | ୨୪ତମ ବର୍ଷ ସଂଖ୍ୟା-୨୧୨ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




୬୬ତମ ରେଳ ସପ୍ତାହ ସମାରୋହ ଅବସରରେ ୱାଲଟିୟର ଡିଭିଜନର ଡିଆରଏମ ଅନୁପ ଶତପଥୀ ୬ଟି ପୁରସ୍କାର ଇଷ୍ଟକୋଷ୍ଟ ମହା ପ୍ରବନ୍ଧକ ବିଦ୍ୟାଭୂଷଣଙ୍କଠାରୁ ଗ୍ରହଣ କରୁଛନ୍ତି

## ଗୋଟିଏ ଦିନରେ ୫୨୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୯୯୯୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୩୫୮ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୧୧୧ ରହିଛି । ଆଜି ଚିହ୍ନଟ ହୋଇଥିବା ୫୨୪ ଜଣଙ୍କ ମଧ୍ୟରୁ ୩୦୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬, ବାଲେଶ୍ୱରରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୭୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ , ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ଗଂଜାମ ଜିଲ୍ଲାରୁ ୩,ଜଗତସିଂହପୁର ଜିଲ୍ଲାରୁ ୧୫ ଜଣ, ଯାଜପୁରରୁ ୧୪ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ , କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୫୦ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୧, ମୟୂରଭଞ୍ଜରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ନୟାଗଡ଼ରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୮ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ୍ ପୁଲରୁ ୫୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କାଲିଠୁ ସ୍କୁଲରେ ଦଶହରା ଛୁଟି

ଭୁବନେଶ୍ୱର,୮।୧୦(ପି.ଏନ): ଆସନ୍ତାକାଲି (ଶନିବାର) ଠାରୁ ସ୍କୁଲରେ ଦଶହରା ଛୁଟି ଆରମ୍ଭ ହେବ। ଅକ୍ଟୋବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନା ଅନୁଯାୟୀ ଆସନ୍ତା ଦଶହରା ଏବଂ କୁମାର ପୂର୍ଣ୍ଣିମା ପାଇଁ ଅକ୍ଟୋବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସରକାରୀ ସ୍କୁଲଗୁଡ଼ିକ ଛୁଟି ଘୋଷଣା କରାଯାଇଛି ।ଏହି ସମୟ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଅକ୍ଟୋବର ୨୧ ତାରିଖରୁ ପୁନର୍ବାର ପୂର୍ବ ନିର୍ଦ୍ଧାରିତ ସମୟସାରଣୀ ଏବଂ କୋଭିଡ୍-୧୯ ମହାମାରୀ ପାଇଁ ଅନୁସୃତ କଟକଣା ଅନୁପାଳନପୂର୍ବକ ଖୋଲିବ।

## ଆଜି ପ୍ରକାଶ ପାଇବ ପଞ୍ଚାୟତ ନିର୍ବାଚନର ସଂରକ୍ଷଣ ଚିଠା ପ୍ରସ୍ତାବ

ଭୁବନେଶ୍ୱର, ୮।୧୦(ପି.ଏନ): ପଂଚାୟତ ନିର୍ବାଚନର ସଂରକ୍ଷଣ ବ୍ୟବସ୍ଥା ନେଇ ଆଜି ପ୍ରକାଶ ପାଇବ ଚିଠା ପ୍ରସ୍ତାବ । କେଉଁ ଆସନ କାହା ପାଇଁ ସଂରକ୍ଷଣ ହେବ ସେ ନେଇ ଜିଲ୍ଲା ସ୍ତରରେ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜ୍ୟ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୱାର୍ଡ ମେମ୍ବର ,ସରପଂଚ,ସମିତିସଭ୍ୟ,ବ୍ଲକ ଚେଆରମ୍ୟାନ,ଜିଲ୍ଲା ପରିଷଦ ସଦସ୍ୟଙ୍କ ସଂରକ୍ଷଣ ଲାଗି ଏହି ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ ।ତେବେ ୱାର୍ଡ ମେମ୍ବର ,ସରପଂଚ,ସମିତିସଭ୍ୟ,ବ୍ଲକ ଚେଆରମ୍ୟାନ ପାଇଁ ଯଦି କିଏ ଚାହିଁବ ୧୬ ତାରିଖରେ ଆପତି କରିପାରିବେ।୨୧ ତାରିଖ ସୁଦ୍ଧା ଜିଲାପାଳଙ୍କ ଦ୍ୱାରା ଆପତି ଅଭିଯୋଗର ଶୁଣାଣି କରି ସମାଧାନ କରାଯିବ। ୨୬ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ସେହିପରି ଜିଲ୍ଲା ପରିଷଦ ସଦସ୍ୟ ସଂରକ୍ଷଣ ପାଇଁ ଆପତି ଥିଲେ ୧୮ ତାରିଖ ସୁଦ୍ଧା ଅଭିଯୋଗ କରିପାରିବେ। ୨୨ ତାରିଖରେ ଶୁଣାଣି କରାଯାଇ ଜିଲ୍ଲାପାଳଙ୍କ ଦ୍ୱାରା ସମାଧାନ କରାଯିବ। ୨୯ ତାରିଖରେ ସରକାରଙ୍କ ଅନୁମୋଦନ ନିଆଯାଇ ୩୦ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ପାଇଁ ୧୬ ତାରିଖରେ ଡ୍ରାଫ୍ଟ ପବ୍ଲିକେଶନ ହେବ। ୩୦ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ଦିଆଯିବ। ସଠିକ ସମୟରେ ନିର୍ବାଚନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ମହଙ୍ଗା ଭତ୍ତାରେ ୧୧%ବୃଦ୍ଧି ଜୁଲାଇରୁ ପିଛିଲା ଭାବେ ଲାଗୁ , ଅକ୍ଟୋବର ଦରମା ରେ ବର୍ଦ୍ଧିତ ଭତ୍ତା ମିଳିବ

ଭୁବନେଶ୍ୱର, ୮।୧୦(ପି.ଏନ): ପୂଜା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟ ସରକାରୀ କର୍ମଚାରୀ ଓ ପେନସନ୍ ଭୋଗୀଙ୍କ ପାଇଁ ୧୧%ମହଙ୍ଗା ଭତ୍ତା ଓ ଡିଅରନେସ ରିଲିଫ ଘୋଷଣା କରିଛନ୍ତି। ଏହି ନିଷ୍ପତି ଦ୍ୱାରା ରାଜ୍ୟର ଚାରି ଲକ୍ଷ କର୍ମଚାରୀ ଓ ସାଢେ ତିନି ଲକ୍ଷ ପେନସନ୍ ଭୋଗୀ ଉପକାର ପାଇବେ । ଏହା ଫଳରେ ବର୍ତ୍ତମାନ ମହଙ୍ଗା ଭତା ୧୭%ରୁ ବଢ଼ି ,୨୮%ରେ ହୋଇଛି। ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ୧/୭/୨୦୨୧ ରୁ ପିଛିଲା ଭାବରେ ୧୧%ମହଙ୍ଗା ଭତା ଲାଗୁ ହେବ ଓ ଏହା ଅକ୍ଟୋବରରୁ ମିଳିବ । ବକେୟା ତିନି ମାସର ବର୍ଦ୍ଧିତ ଭତ୍ତା ମଧ୍ୟ ନଗଦ ଆକାରରେ ମିଳିବ ।

## ଓଡ଼ିଶା ହାଇକୋର୍ଟର ଦୁଇ ନୂଆ ବିଚାରପତି ଶପଥ ଗ୍ରହଣ କଲେ

ଭୁବନେଶ୍ୱର, ୮।୧୦(ପି.ଏନ): ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ ଯଶୱନ୍ତ ସିଂହ ଓ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଶୁକ୍ରବାର ଦିନ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଏହି ନୂଆ ଦୁଇ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ ।ଆଜି ଦୁଇ ବିଚାରପତିଙ୍କ ଶପଥ ଗ୍ରହଣ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ସଂଖ୍ୟା ୧୪ରେ ପହଂଚିଛି। ଏଠାରେ ସୂଚନା ଯୋଗ୍ୟ ଯେ ଓଡ଼ିଶା ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୨୭।

## ଆଗାମୀ ୩ ମାସ ଗୁରୁତ୍ୱପୂର୍ଣ୍ଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୮।୧୦(ପି.ଏନ): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ବୃଦ୍ଧି ଚିନ୍ତାର କାରଣ ପାଲଟିଛି । ଭୁବନେଶ୍ୱରରେ ଦୈନିକ ୨୫୦ରୁ ୩୦୦ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଭଳି ସ୍ଥିତିରେ ଜଗିରହି ସତର୍କ ହୋଇ ଚଳିବାକୁ ପଡ଼ିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ଏବେ ସଂକ୍ରମଣ କମିନାହିଁ।

## ଜେଲ୍ ଗଲେ ବିଧାୟକ ପ୍ରଶାନ୍ତ ଜଗଦେବ

ଖୋର୍ଦ୍ଧା / ଭୁବନେଶ୍ୱର, ୮।୧୦(ପି.ଏନ): ବାଲୁଗାଁ ବିଜେପି ମଣ୍ଡଳ ସଭାପତିଙ୍କୁ ମାଡ଼ ମାରିବା ଘଟଣାରେ ଜେଲ୍ ଯାଇଛନ୍ତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ପ୍ରଶାନ୍ତ ଆଜି ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ଜାମିନ ଆବେଦନ କରିଥିଲେ। ତେବେ କୋର୍ଟ ତାଙ୍କ ଜାମିନ୍ ଆବେଦନକୁ ଖାରଜ କରି ଦେଇଥିଲେ। ଏହା ପରେ ପୋଲିସ୍ ତାଙ୍କୁ ନିଜ ହେପାଜତକୁ ନେଇଥିଲା ।ଖୋର୍ଦ୍ଧା ଡାକ୍ତରଖାନାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ତାଙ୍କୁ ଖୋର୍ଦ୍ଧା ସବ୍ ଜେଲ୍ କୁ ପଠାଇ ଦିଆଯାଇଛି। ଡାକ୍ତରଖାନାରେ ତାଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା ଓ ଏହାର ଫଳାଫଳ ନେଗେଟିଭ୍ ଆସିବା ପରେ ତାଙ୍କୁ ଜେଲ୍ କୁ ପଠାଇ ଦିଆଯାଇଛି ।ଉଲ୍ଲେଖ୍ୟଯୋଗ୍ୟ ଗତ ସେପ୍ଟମ୍ବର ୮ ତାରିଖରେ ବାଲୁଗାଁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବାଲୁଗାଁ ନଗର ମଣ୍ଡଳ ବିଜେପି ସଭାପତି ନିରଞ୍ଜନ ସେଠୀଙ୍କୁ ବିଧାୟକ ପ୍ରଶାନ୍ତ ଜଗଦେବ ପିଟିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା । ଏହି ସମୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା । ଏହିକାରଣରୁ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ଏହା ସହିତ ତାଙ୍କୁ ଜିଲ୍ଲା ଯୋଜନା କମିଶନ ଅଧ୍ୟକ୍ଷ ପଦରୁ ବିଦା କରାଯାଇଥିଲା। ଏହି ମାମଲାରେ ପ୍ରଶାନ୍ତ ଆଗୁଆ ଜାମିନ ପାଇବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ହାଇକୋର୍ଟ ତାଙ୍କୁ ତଳ କୋର୍ଟକୁ ଯିବାକୁ କହିଥିଲେ। ସେଥିପାଇଁ ସେ ଆଜି ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ଜାମିନ ଆବେଦନ କରିଥିଲେ।

## ପ୍ରକାଶ ପାଇଲା ଓଏଏସ୍ ରେଜଲ୍ଟ , ୧୫୩ କୃତକାର୍ଯ୍ୟ : ଅଶ୍ୱିନୀ ପଣ୍ଡା ଟପ୍ପର , ପ୍ରଥମ ୧୦ ଜଣରେ ୩ ମହିଳା

ଭୁବନେଶ୍ୱର, ୮।୧୦(ପି.ଏନ): ପ୍ରକାଶ ପାଇଲା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ। ଓଡିଶା ଲୋକସେବା ଆୟୋଗ (ଓପିଏସସି)ଦ୍ୱାରା ପରିଚାଳିତ ୨୦୧୯ ଓଏଏସ୍ ପରୀକ୍ଷାରେ ମୋଟ ୧୫୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୬ ଜଣ ମହିଳା ଅଛନ୍ତି । ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରୁ ଟପ୍ପର ହୋଇଛନ୍ତି ଅଶ୍ୱିନୀ କୁମାର ପଣ୍ଡା। ଦ୍ୱିତୀୟରେ ଅଙ୍କୁର ଅଭିଳାଷ, ତୃତୀୟରେ ରଶ୍ମିରେଖା ପାତ୍ର ଥିବା ବେଳେ ଚତୁର୍ଥ ଓ ପଂଚମ ସ୍ଥାନରେ ସୌମ୍ୟରଞ୍ଜନ ପ୍ରଧାନ ଓ ସିଦ୍ଧେଶ୍ୱର ନାୟକ ରହିଛନ୍ତି । ସେହିପରି ଷଷ୍ଠ ସ୍ଥାନରେ କିରଣ କୁମାର ମହାନ୍ତି , ସପ୍ତମରେ ପ୍ରଦୋଶ ପ୍ରଧାନ , ଅଷ୍ଟମ ସ୍ଥାନରେ ଦେବଦତ ପ୍ରଧାନ, ନବମରେ ଆୟୁଷୀ ପତି ଓ ଦଶମ ସ୍ଥାନରେ ନିବେଦିତା ନାୟକ ରହିଛନ୍ତି। ଓପିଏସସିର ସୂଚନା ଅନୁଯାୟୀ ୧୫.୦୩.୨୦୨୦ରେ ୨୫ ହଜାର ୭୮୦ ଜଣ ପରିକ୍ଷାର୍ଥୀ ପ୍ରିଲିମନାରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୮୮୦ ଜଣ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୬୧୦ ଜଣ ଡିସେମ୍ବର ୨୦୨୦ରେ ଲିଖିତ ପରୀକ୍ଷାଦେଇଥିଲେ ।

## ଆସନ୍ତା ଶିକ୍ଷାବର୍ଷ ଆରମ୍ଭରୁ ୩୦୦ ଆଦର୍ଶ ବିଦ୍ୟାଳୟର ନିର୍ମାଣ ସାରିବାକୁ ଗଣଶିକ୍ଷା ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦(ପି.ଏନ): ସମସ୍ତ ଆଦର୍ଶ ବିଦ୍ୟାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରବା ପାଇଁ ଆସନ୍ତା ଜୁନ୍ ୨୦୨୨ ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ନିର୍ମାଣ କାର୍ଯ୍ୟକୁ ଶେଷ କରିବା ସହିତ ଆସନ୍ତା ଡିସେମ୍ବର ୨୦୨୧ ମଧ୍ୟରେ ସ୍କୁଲ ଗୃହର ପୁନଃବିନ୍ୟାସ ଏବଂ ରୂପାନ୍ତରଣ କାର୍ଯ୍ୟ ଏବଂ ୮୦ଟି ବାଳିକା ହଷ୍ଟେଲ ଗୃହ କାର୍ଯ୍ୟ ଶେଷ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ମାସିକ ସମୀକ୍ଷା ବୈଠକ ଭର୍ଚୁଆଲ ମୋଡ୍ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଏ ସଂପର୍କରେ ସୂଚିତ କରିଛନ୍ତି। ପ୍ରମୁଖ ସଚିବ ଶ୍ରୀ ସାହୁ ଆସନ୍ତା ଶିକ୍ଷାବର୍ଷ ଜୁନ୍ ମାସରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଅଟ୍ଟାଳିକାରେ ପାଠପଢ଼ା କାର୍ଯ୍ୟ ଆରମ୍ଭ କରିବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ବିରିଡ଼ି, ଅସ୍ତରଙ୍ଗ, ଝାରବନ୍ଧ(ବରଗଡ଼) ପ୍ରଭୃତି ସ୍ଥାନରେ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ହୋଇନଥିବାରୁ ସଚିବ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ୍ ରେ ନୂତନ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା । ଆସନ୍ତା ଶିକ୍ଷାବର୍ଷ ପ୍ରାରମ୍ଭରେ ୮୦ଟି ଛାତ୍ରୀନିବାସ କାର୍ଯ୍ୟକ୍ଷମ କରାଯିବ। ଏଥି ସହିତ ଯେଉଁ ଆଦର୍ଶ ବିଦ୍ୟାଳୟର ପ୍ରାଚୀର ନାହିଁ ସେହି ସ୍କୁଲର ପ୍ରାଚୀର ନିର୍ମାଣ କରିବା ପାଇଁ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ଥିବା ବିଦ୍ୟାଳୟଗୁଡ଼ିକରେ ଆପ୍ରୋଚ୍ ରୋଡ୍ କାର୍ଯ୍ୟ ହାତକୁ ନିଆଯିବ ଏବଂ ନିର୍ମାଣ ବିଭାଗ ସମସ୍ତ ଆଦର୍ଶ ବିଦ୍ୟାଳୟର ଭିତିଭୂମି ଯୋଗାଇ ଦେବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଦ୍ୱାରା କି ଅତିରିକ୍ତ ବଜେଟ୍ ରେ ଅର୍ଥ ବ୍ୟବସ୍ଥା କରାଯାଇପାରିବ । ସମସ୍ତ ନିର୍ବାହୀ ସଂସ୍ଥାଗୁଡ଼ିକ ଉନ୍ନତ ମାନର ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ସହ ଏଗୁଡ଼ିକରେ ୱାଟର ପ୍ରୁଫ ରଙ୍ଗ କରିବାକୁ ପରାମର୍ଶ ଦେଇଥିଲେ । ଭୁବନେଶ୍ୱର ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବା ମଡେଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ନକ୍ସା ଓ ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି, ଯାହାକି ଯଥାଶୀଘ୍ର ଓବିସିସି ମାଧ୍ୟମରେ ହୋଇ ୨୦୨୩ ମସିହାରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଉକ୍ତ ଉତ୍କର୍ଷ ଆଦର୍ଶ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ୫୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ମାନର ଶିକ୍ଷା ପ୍ରଦାନ କରିବାକୁ ସରକାରଙ୍କର ଲକ୍ଷ୍ୟ ଅଛି। ଏ ସମସ୍ତ କାମକୁ ଓଡ଼ିଶା ବ୍ରିଜ୍ ନିର୍ମାଣ ନିଗମକୁ ୨୦୨୩ ସୁଦ୍ଧା ସାରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଏକ ବିକାଶ ନକ୍ସା ପ୍ରସ୍ତୁତ କରି ତଦନୁଯାୟୀ ସମସ୍ତ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ଯୋଜନା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ମୁଖ୍ୟଯନ୍ତ୍ରୀ ନିର୍ମାଣ, ମୁଖ୍ୟଯନ୍ତ୍ରୀ, ଜଳ ଓ ପରିମଳ ବିଭାଗ, ମୁଖ୍ୟଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଟାଟା ଷ୍ଟିଲର କ୍ଷେତ୍ର ଅଧିକାରୀ ପ୍ରମୁଖ ଭର୍ଚୁଆଲ ମୋଡ୍ ରେ ଯୋଗଦେଇଥିଲେ ।

**WANTED**

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**

**Visit at : www.thekalingachronicle.com**
**www.paryabekhyak.com**








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ



ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

### ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୯

# ଓଡ଼ିଶା ମାନଚିତ୍ରରେ "କୋଟିଆ"



ଅବିଭକ୍ତ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକର ଏହି ସୀମାନ୍ତ ଅଂଚଳ 'କୋଟିଆ' ପ୍ରାକୃତିକ ସମ୍ପଦରେ ଭରପୁର ଖଣିଜ ସମ୍ପଦରେ ପରିପୂର୍ଣ୍ଣ, ଓଡ଼ିଶା ମାନଚିତ୍ରରେ ରହିଛି, ରହିବ ମଧ୍ୟ। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅସ୍ଥିରତା ସୃଷ୍ଟି କରୁଛନ୍ତି, ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଏଇ ଯେମିତି ଆମର ପଡୋଶୀ ଆନ୍ଧ୍ର ବେଳେବେଳେ କୋଟିଆ ଭିତରେ ଅନଧିକାର ଭାବେ ପ୍ରବେଶ କରି ଅଶାନ୍ତ ପରିବେଶ ସୃଷ୍ଟି କରୁଛି। ନିଜ କଥା ନିଜେ ସମ୍ଭାଳିଲେ ଭଲ ହୁଅନ୍ତା। ଆମେ ସମସ୍ତେ ବୁଝିନେବା ଉଚିତ ଆଗଭର ଭାରତୀୟ ଆମେ। ଏହି ବ୍ରଡ ମାଇଣ୍ଡରେ ଆମେ ସଭିଏଁ କାମ କରିଚାଲିବା ଉଚିତ।

'କୋଟିଆ' ହେଉଛି ଆମ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଅନୁପ୍ରବେଶକାରୀ ଆନ୍ଧ୍ରକୁ କେବେହେଲେ ବି ଓଡ଼ିଶାବାସୀ ଇଂଚେ ହେଲେ ଜାଗା ଛାଡିଦେବ ନାହିଁ। ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଅନୁପ୍ରବେଶକାରୀ ସହ କୌଣସି ପ୍ରକାର ବୁଝାମଣା କରାଯାଇପାରିବ ନାହିଁ। ଯେବେଯେବେ ଆନ୍ଧ୍ରର ନିର୍ବାଚନ ହୁଏ, ସେତେବେଳେ ଜାଣିଶୁଣି କୋଟିଆ ପ୍ରସଙ୍ଗକୁ ବିବାଦୀୟ କରାଯାଏ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିନଠାରୁ 'କୋଟିଆ' ଅଂଚଳରେ ସିଧାସଳଖ ପ୍ରଶାସନିକ ଦାୟିତ୍ୱ ଓଡ଼ିଶା ସରକାରଙ୍କର ହାତରେ ରହିଛି, ଏ କଥା ଆନ୍ଧ୍ର ବି ଜାଣିଛି। ତଥାପି ରାଜନୈତିକ କାରଣରୁ ଆନ୍ଧ୍ର ସରକାର ଜାଣିଶୁଣି ବାରମ୍ବାର କୋଟିଆ ପ୍ରସଙ୍ଗକୁ ଉଠାଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ କୋଟିଆ ଅଂଚଳବାସୀ ସଡକ, ବିଦ୍ୟାଳୟ, ଚିକିତ୍ସାଳୟ, ଚାଉଳ, କିରୋସିନି, ଭତ୍ତା, ସାଧାରଣ ବଂଟନରେ ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ସହାୟତା ପାଇ ଆସୁଛନ୍ତି। ଆନ୍ଧ୍ରର ଅବାଧ ଅନୁପ୍ରବେଶ ବିରୋଧରେ ଓଡ଼ିଶା ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି। କୋଟିଆ ଅଂଚଳରେ ସ୍ଥିତାବସ୍ଥା ଜାରି ଲାଗି ନିର୍ଦ୍ଦେଶକୁ ଓଡ଼ିଶା ମାନି ଆସୁଛି; କିନ୍ତୁ ଆନ୍ଧ୍ର ନ ମାନିବା କ୍ଷୋଭର ବିଷୟ। ଆମର ଆଶା ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ସଠିକ୍ ନିଷ୍ପତି ନେବେ। କୋଟିଆ ଅଂଚଳରେ ଯେଉଁସବୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା କଥା, ସେସବୁ କରାଯାଉଛି। କିନ୍ତୁ ଆନ୍ଧ୍ର ଅନଧିକାର ପ୍ରବେଶ କରି କୋଟିଆ ଅଂଚଳରେ ସେଠାକାର ଅଧିବାସୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସେ ଅଂଚଳକୁ ଅର୍ଥାତ୍ ସେଠାକାର ଅଧିବାସୀଙ୍କୁ ନିଜ ଅକ୍ତିଆରକୁ ନେବାପାଇଁ ବୃଥା ଚେଷ୍ଟା କରିଆସୁଛି। ଆନ୍ଧ୍ର ସରକାରଙ୍କର ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ, କୋଟିଆରେ ପ୍ରବେଶ କରି ଜନଶୁଣାଣୀରେ ସେଠାକାର ଅଧିବାସୀଙ୍କୁ ବୁଝାଇବାକୁ ପ୍ରୟାସ ଜାରି ରଖିଛନ୍ତି। ଅବଶ୍ୟ କହିବାକୁ ଗଲେ ଓଡ଼ିଶା ସରକାର ଏ ସବୁ କ୍ଷେତ୍ରରେ ଟିକେ ପଛରେ ପଡିଯାଇଛନ୍ତି। ଆନ୍ଧ୍ର ସରକାରଙ୍କର ବିଭିନ୍ନ ଅଧିକାରୀ କୋଟିଆ ପଂଚାୟତକୁ ଆସି ସେଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଦାବିପତ୍ର ଗ୍ରହଣ କରୁଛନ୍ତି। ସମସ୍ୟାର ସମାଧାନ ବି ଜରୁରୀକାଳୀନ ପରିସ୍ଥିତିର ସମାଧାନ କରୁଛନ୍ତି। କଳେବଳେ କୌଶଳେ କୋଟିଆ ପଂଚାୟତବାସୀଙ୍କୁ ନିଜ ଅକ୍ତିଆରକୁ ନେବାକୁ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ସେହି ଅଂଚଳରେ ତେଲୁଗୁ ଅକ୍ଷରରେ ନାମଫଳକ ଲଗାଇ ରାସ୍ତାଘାଟ, ସ୍କୁଲ, ଅନ୍ୟାନ୍ୟ ଭତ୍ତାର ପରିମାଣର ବୃଦ୍ଧି କରି ତାଙ୍କ ଘରେ ନେଇ ଦେଇ ଆସୁଛନ୍ତି। ଗାଁରେ ରହିଥିବା ପାନୀୟଜଳର ଉତ୍କଟ ସମସ୍ୟାକୁ କିଛିଟା ଅଂଶରେ ସମାଧାନ କରି କୋଟିଆବାସୀଙ୍କର ହୃଦୟ ଜିଣିବାକୁ ଚେଷ୍ଟା କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା, ଶିକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଜନଶୁଣାଣୀ କରି ଲୋକମାନଙ୍କର ସମସ୍ୟା ସମ୍ପର୍କରେ ଦାବୀପତ୍ର ଗ୍ରହଣ କରି ତୁରନ୍ତ ସମାଧାନ କରିବାର ପ୍ରତିଶ୍ରୁତି ଦେଇ, ସମାଧାନ କରିଥାଆନ୍ତି। ଗଜପତି ସୀମାନ୍ତରେ ହେଉ ଅବା କୋରାପୁଟ ପଟାଙ୍ଗୀ ସୀମାନ୍ତରେ ହେଉଥିବା ସୀମା ବିବାଦର ସମାଧାନ ମୁଖ୍ୟମନ୍ତ୍ରୀ ସ୍ତରରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବସି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିନେବା ଉଚିତ। କୋଟିଆ ପଂଚାୟତ ଏବଂ ପାଖ ପଂଚାୟତର ପ୍ରାୟ ୨୦ଟି ଗ୍ରାମରେ ଲାଗିରହିଥିବା ବିବାଦ ଗଭୀର ଚିନ୍ତାଜନକ। ଏଣୁ ଆପୋଷ ଆଲୋଚନା ମାଧ୍ୟମରେ ଏହାର ତୁରନ୍ତ ସମାଧାନ ହେବା ଉଚିତ। ଦିନକୁ ଦିନ ଆନ୍ଧ୍ରର ଦାଦାଗିରି ବଢିଚାଲିଛି। ଓଡ଼ିଶାର ସୀମାନ୍ତବର୍ତ୍ତୀ ଗାଁମାନଙ୍କର ସୁରକ୍ଷା ଓ ଅଂଚଳବାସୀଙ୍କର ବିକାଶମୂଳକ ଆକାଂକ୍ଷାରେ କ୍ଷତି ପହଂଚାଉଛି। କୋରାପୁଟ, ଗଜପତି ସୀମାନ୍ତବର୍ତ୍ତୀ ଅଂଚଳର ଲୋକମାନଙ୍କର ଦୁର୍ଦ୍ଦଶାକୁ ଆଖି ଆଗରେ ରଖି ଏହାର ତୁରନ୍ତ ସମାଧାନ କରାଯାଉ। ଆନ୍ଧ୍ରର ଜିଲ୍ଲା ପରିଷଦର ନିର୍ବାଚନ ତାଙ୍କ ରାଜ୍ୟରେ କରିବା କଥା, କିନ୍ତୁ ଅନଧିକାର ଭାବେ ପ୍ରବେଶ କରି କୋଟିଆ ଅଂଚଳରେ ମଧ୍ୟ ଭୋଟ ଗ୍ରହଣ କରି ଫଳାଫଳ ଘୋଷଣା କରି କୋଟିଆ ଅଂଚଳବାସୀଙ୍କୁ ନିଜ ଅକ୍ତିଆକୁ ଆଣିବା ପାଇଁ ପ୍ରୟାସ କରିଛି ଆନ୍ଧ୍ର ସରକାର। ତା' ପରେ ଆନ୍ଧ୍ରର ଦାଦାଗିରି ଭାବେ ତେଲୁଗୁ ନାମଫଳକ କୋଟିଆରେ ଲଗାଇ ଅଯଥାରେ ବିଭ୍ରାନ୍ତିକର ପରିସ୍ଥିତି ଉପୁଜାଇଛି। ପଂଚାୟତ ନିର୍ବାଚନର ଫଳାଫଳ ଘୋଷଣା ପରେ ଅତ୍ୟଧିକ ଉତ୍ସାହିତ ହୋଇ ନେତାଙ୍କ (ଆନ୍ଧ୍ର) ଇସାରାରେ ବିଭିନ୍ନ କାର୍ଯ୍ୟକ୍ରମକୁ କୋଟିଆ ଅଂଚଳରେ ବିଭିନ୍ନ ଗ୍ରାମରେ ସରକାରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଏକ ତେଲୁଗୁରେ ନାମଫଳକ କୋଟିଆରେ ଲଗାଇ ବିଭ୍ରାନ୍ତିଙ୍କର ପରିବେଶ ସୃଷ୍ଟି କରୁଛି। ଏହାଦ୍ୱାରା ସେ ସାବ୍ୟସ୍ତ କରିବାକୁ ଚାହୁଁଛି ଯେ ଆନ୍ଧ୍ରର ହେଉଛି କୋଟିଆ। ଓଡ଼ିଶା ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇଦେଇ ଆସୁଥିଲେ ବି ଏହାକୁ କୋଟିଆ ପଂଚାୟତର କିଛି ଅଧିବାସୀ ଗ୍ରହଣ କରି ଆନ୍ଧ୍ର ମୌଳିକ ସୁବିଧା ଯୋଗାଇଥିବା ଦାବି କରି ଉଭୟ ରାଜ୍ୟର ସୁବିଧା ହରାଉଥିବା ଅଭିଯୋଗ ହେଉଛି।

କେବଳ ଆନ୍ଧ୍ର ନୁହଁ, ସେ ପଟେ ପଶ୍ଚିମବଙ୍ଗ ମଧ୍ୟ ସୀମା ମଧ୍ୟକୁ ପ୍ରବେଶ କରି ପାଚେରୀ ନିର୍ମାଣ କରିବା ଦୁର୍ଭାଗ୍ୟଜନକ। ୧୪୪ ଧାରା ଜାରି ହେବା ସତ୍ତ୍ୱେ, ପଶ୍ଚିମବଙ୍ଗ ନିୟମ ଉଲଘଂନ କରି ଓଡ଼ିଶା ସୀମା ଭିତରେ ପ୍ରବେଶ କରି ପାଚେରୀ ନିର୍ମାଣ କରି ଚାଲିଛି। ସୂଚନାଥାଉ କି କୋଟିଆ ପଂଚାୟତ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରି ସହଯୋଗ କରି ଆସୁଥିଲେ ବି ଆନ୍ଧ୍ର ପଛୁକୁ ହଟିବା ତ ଦୂରର କଥା ଓଡ଼ିଶାର ଯୋଜନାକୁ ଦେଖି ନିଜେ ନିଜ ରାଜ୍ୟର ଯୋଜନା ପ୍ରସ୍ତୁତ କରି କୋଟିଆ ପଂଚାୟତବାସୀଙ୍କୁ ନିଜ ଅକ୍ତିଆରରେ ରଖିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଯେତେପ୍ରକାର ପ୍ରୟାସ କଲେ ବି ଆନ୍ଧ୍ର ତା'ର କାର୍ଯ୍ୟରେ ସଫଳତା ଲାଭ କରିବ ନାହିଁ। କାରଣ କୋଟିଆ ଆମ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ଓଡ଼ିଶା ମାନଚିତ୍ରରେ କୋଟିଆ ରହିଛି, ରହିବ ମଧ୍ୟ ସୁରକ୍ଷିତ ଭାବେ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**
*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯*

## ଆଜିର ଅନୁଚିନ୍ତା

**ପାର୍ଥିବ ନୟନକୁ ବନ୍ଦ ନ କଲେ, ଅପାର୍ଥିବ ନୟନ ଫିଟିବ କିପରି ?**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

E-mail: editorpbkc@gmail.com
9853400829 (M), Fax: 0674-2550504

# କରୋନା କଟକଣା ଓ ଶାରଦୀୟ ଦୁର୍ଗାପୂଜା

••••••••••••ହିମାଂଶୁଶେଖର ଆଚାର୍ଯ୍ୟ••••••••••••



ରାଜ୍ୟରେ କଡାକଡି ହୋଇଛି ପାର୍ବଣ ଗାଇଡ୍‌ଲାଇନ। ଅକ୍ଟୋବର ମାସରେ ଏକାଧିକ ପର୍ବ ପଡୁଥିବାରୁ ପାର୍ବଣ କଟକଣାକୁ କଠୋର କରିଛନ୍ତି ରାଜ୍ୟ ସରକାର। ତେଣୁ ଟ୍ୱିନସିଟିରେ ଅକ୍ଟୋବର ୧୧ରୁ ୨୦ ତାରିଖ ଅର୍ଥାତ୍ ୧୦ ଦିନ ଯାଏଁ ନାଇଟ୍ କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳରେ ସେପ୍ଟେମ୍ବର ମାସ ଭଳି ରାତି ଦଶଟାରୁ ସକାଳ ପାଞ୍ଚଟା ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଏସ୍‌ଆରସି ପ୍ରଦୀପ କୁମାର ଜେନା କହିଛନ୍ତି। ଏବେଠାରୁ ଦୋକାନ ବଜାରରେ ଗହଳି ଆରମ୍ଭ ହୋଇଗଲାଣି। ବ୍ୟବସାୟୀଙ୍କର ଭଳିକି ଭଳି ରିହାତି ଅଫର୍ ଲୋକମାନଙ୍କୁ ଆକୃଷ୍ଟ କରୁଛି। ଫଳସ୍ୱରୂପ, ମଲ୍‌ଠାରୁ ଆରମ୍ଭ କରି ଛୋଟଛୋଟ ଦୋକାନରେ ଭିଡ ଜମୁଛି। ରାଜ୍ୟରେ କରୋନା ସଂକ୍ରମଣ ଏବେବି ୫୦୦ ଆଖପାଖରେ ରହୁଥିବାରୁ ପାର୍ବଣ ସମୟରେ ଏହା ବଢିବ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ସେହିପରି ରାଜଧାନୀ ଭୁବନେଶ୍ୱରକୁ ପୁଣି ଫେରିଛି କରୋନା ସଂକ୍ରମଣର ବିପଦ। ସେଥିପାଇଁ କିଛିଦିନର ନୀରବତା ପରେ ଜାରି କରାଯାଇଛି କଣ୍ଟେନମେଣ୍ଟ ଜୋନ। ତେଣୁ ପାର୍ବଣ ସମୟରେ ନିୟମ କଡାକଡି କରିବାକୁ ବି.ଏମ୍.ସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ଲୋକମାନେ କରୋନା କଟକଣାକୁ ପୂର୍ବଭଳି ମାନୁନାହାଁନ୍ତି। ଏପରିକି ଲୋକମାନେ ରାସ୍ତାଘାଟ କି ଦୋକାନବଜାର ହେଉ ମୁହଁରେ ମାସ୍କ ଦେବାକୁ ଭୁଲିଗଲେଣି। ସାମାଜିକ ଦୂରତାକୁ ଆଉ କେହି ମାନୁନାହାଁନ୍ତି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୋଭିଡ୍ ନିୟମାନୁସାରେ ଶାରଦୀୟ ଦୁର୍ଗାପୂଜାକୁ ନିରାଡମ୍ବରଭାବେ ପାଳନ କରିବାକୁ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଏଥର ପାର୍ବଣରେ ଫୁଟିବନି ବାଣ। ରାଜ୍ୟ ସରକାର ପାର୍ବଣରେ ବାଣ ବିକ୍ରି ଓ ଫୁଟାଇବା ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗଣେଶ ପୂଜାରୁ ଓଡିଆ ଶାରଦୀୟ ପାର୍ବଣ ଋତୁ ଆରମ୍ଭ ହୋଇ ଦୀପାବଳୀ ଯାଏ ଲମ୍ବିଥାଏ। ଗତବର୍ଷ ପରି ଏବର୍ଷ ଗଣେଶ ପୂଜାରେ କେଉଁଠି ଆନନ୍ଦ-ଉଲ୍ଲାସ ନଥିଲା। ଚାରିଆଡେ ଥିଲା ଖାଁ ଖାଁ ପରିବେଶ। ମଉଜ-ମଜଲିସ୍, ହସ-ଖୁସି, ଆନନ୍ଦ-ଉଲ୍ଲାସ ଛଡାଇ ନେଇଛି ଏହି କରୋନା ମହାମାରୀ। ଜୀବନ ପାଖରେ ସବୁ ବଳି ପଡିଛି। ଚଳିତ ବର୍ଷ କରୋନା ସଂକ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାର୍ବଣ ଉପରେ ଲଗାଇଛନ୍ତି ରୋକ୍। ଯାହାଫଳରେ ପର୍ବପର୍ବାଣି ପାଳନ ଉପରେ ଏହାର ପ୍ରଭାବ ବେଶ ବାରିହୋଇପଡୁଛି। ବିଗତ ଦିନରେ ଆରମ୍ଭ ହୋଇଛି ଏହି କଟକଣା। ଏଥିପାଇଁ ବାରମାସରେ ପାଳନ ହେଉଥିବା ତେର ପର୍ବ ଆଉ ଜାକଜମକରେ ପାଳନ କରାଯାଉନାହିଁ। ଏପରିକି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମଧ୍ୟ କରୋନା କଟକଣାରୁ ମୁକ୍ତ ହୋଇପାରି ନ ଥିଲା। ସମ୍ପୂର୍ଣ୍ଣ କଟକଣା ଭିତରେ ଶେଷ ହୋଇଥିଲା ଜଗାକାଳିଆର ଘୋଷଯାତ୍ରା। ଆଗକୁ ଦୁର୍ଗାପୂଜା ଆସୁଛି। କଟକ, ଭୁବନେଶ୍ୱରଠାରୁ ଆରମ୍ଭ କରି ସମଗ୍ର ରାଜ୍ୟର ପୁରପଲ୍ଲୀରେ ଏହା ପାଳିତ ହୋଇଥାଏ। କିନ୍ତୁ କଟକ ଦଶହରା ଓ ଦୁର୍ଗାପୂଜାର ମଜା ନିଆରା। ସାରା ରାଜ୍ୟରେ କଟକରେ ଦୁର୍ଗାପୂଜାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। କରୋନା ମହାମାରୀ ସବୁକିଛି ଓଲଟପାଲଟ କରିଦେଇଛି। କରୋନାର ଅମାନିଆ ସଂକ୍ରମଣକୁ ଆଖିଆଗରେ ରଖି ରାଜ୍ୟ ସରକାର ପାର୍ବଣ ପାଇଁ ବିଶେଷକରି ଦୁର୍ଗାପୂଜା ନିମନ୍ତେ କଡା ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଯେଉଁଥିରେ କୁହାଯାଇଛି ମୂର୍ତ୍ତିର ଉଚ୍ଚତା ୪ ଫୁଟ ରହିବ। ଏପରିକି ଏ ପ୍ରସଙ୍ଗକୁ ଅଦାଲତ ପର୍ଯ୍ୟନ୍ତ ନିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ମୂର୍ତ୍ତିର ଉଚ୍ଚତା ପୂର୍ବପରି ୪ ଫୁଟରେ ରହିବ ବୋଲି ସ୍ଥିର କରାଯାଇଛି। କଟକ ଦଶହରାରେ ମୂର୍ତ୍ତିର ୪ ଫୁଟ ଉଚ୍ଚତା ନିର୍ଦ୍ଧାରଣ ପ୍ରସଙ୍ଗ ପୁଣି ହାଇକୋର୍ଟରେ ପହଞ୍ଚିଥିଲା। ଏଥିନେଇ ବାଲୁ ବଜାର ପୂଜା କମିଟି ପୁଣିଥରେ ମୂର୍ତ୍ତି ଉଚ୍ଚତାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କ ଅଗଷ୍ଟ ୯ ତାରିଖ ପାର୍ବଣ ଗାଇଡ୍‌ଲାଇନକୁ କାୟମ୍ ରଖିଛନ୍ତି। ସେହିଭଳି ଆହୁରି ଅନ୍ୟାନ୍ୟ କଟକଣା ସବୁ ମଧ୍ୟ ରହିଛି। ମୁଖ୍ୟ ପୂଜକଙ୍କ ସମେତ ସାତଜଣ ରହିବେ ମଣ୍ଡପରେ। ଜାକଜମକରେ ସାଜସଜ୍ଜା, ତୋରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମନା। ଭସାଣି ଶୋଭାଯାତ୍ରା ଉପରେ ମଧ୍ୟ ଲାଗିଛି ଲଗାମ। ଏସବୁ ନିୟମର ଖିଲାଫ ହେଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ଚେତାଇ ଦେଇଛନ୍ତି। କେବଳ ସରକାରୀ ଚାକିରିଆଙ୍କୁ ଛାଡିଦେଲେ ଅନ୍ୟମାନେ ପର୍ବପର୍ବାଣୀ ଏବଂ ଉତ୍ସବକୁ ଅପେକ୍ଷା କରିଥା'ନ୍ତି ରୋଜଗାର ଆଶାରେ। ଆଉ ଲୋକଙ୍କ ମନରେ ଥାଏ ଉତ୍ସାହ ଓ ଉଦ୍ଦୀପନା। ଲୋକେ ପର୍ବପର୍ବାଣୀକୁ ଉପଭୋଗ କରନ୍ତି। ପୋଷାକପତ୍ରଠାରୁ ଆରମ୍ଭ କରି ଗାଡି, ଘୋଡା, ଟିଭି, ଫ୍ରିଜ୍ ଏପରି ସୌଖୀନ ଜିନିଷ କିଣିଥା'ନ୍ତି ଏହି ସମୟରେ। ତେଣୁ ବ୍ୟବସାୟୀମାନେ ମଧ୍ୟ ଏହି ମୌକାକୁ ଅପେକ୍ଷା କରିଥାନ୍ତି। ମୂର୍ତ୍ତି ଶିଳ୍ପୀ, ଟେଷ୍ଟହାଉସ୍, ତୋରଣ ନିର୍ମାଣ କରୁଥିବା କାରିଗର ଏବଂ ମେଲୋଡି କଳାକାରଙ୍କ ପାଇଁ ମଧ୍ୟ ପାର୍ବଣର ଏହି ସମୟ ଖୁବ୍ ଲାଭଦାୟୀ ହୋଇଥାଏ। ଏହି ସମୟରେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି ସେମାନେ। କିନ୍ତୁ ଚଳିତ ବର୍ଷ କଟକଣା ଯୋଗୁଁ ଏସବୁ ଫିକା ପଡିଯାଇଛି। ମନ ମରିଯାଇଛି, ଛୋଟବଡ ସବୁ ବ୍ୟବସାୟୀମାନଙ୍କର। ମୂର୍ତ୍ତି ଶିଳ୍ପୀମାନେ ଗଣେଷ ପୂଜାରେ ହତାଶ ହେବା ପରେ ଦୁର୍ଗାପୂଜାକୁ ଅପେକ୍ଷା କରିଥିଲେ। କିନ୍ତୁ ତାହା ସବୁ ଆଶାରେ ରହିଗଲା। ମୂର୍ତ୍ତିର ଉଚ୍ଚତା କମିଗଲେ ସେମାନଙ୍କ ପାଉଣା ତ' କମିଯିବ ଏଥିସହିତ; ତେଣୁ ଏହା ଜୀବନଜୀବିକା ପାଇଁ ଶକ୍ତ ଆଘାତ ହେବ। ଯାହାଫଳରେ ସେମାନେ ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହେବା ସମ୍ଭାବନା ଅଧିକ। ଏସବୁ ସତ୍ତ୍ୱେ କରୋନାର ତୃତୀୟ ଲହର ପରି ଆମକୁ ସଜାଗ ରହିବାକୁ ହେବ। ସଂକ୍ରମଣ ହାର ନ କମିଲେ ତାହା ଆମ ପାଇଁ ଚିନ୍ତାର କାରଣ ହେବ। ତେଣୁ କୋଭିଡ୍ ମୁକାବିଲା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷାକରିବା ଓ ହାତ ଧୋଇବା ହେଉଛି ସବୁଠାରୁ ବଡ ଅସ୍ତ୍ର।



ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ଓଡିଶାର ପର୍ବପର୍ବାଣୀ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ। କେତେକ ପର୍ବ କୃଷିଭିତିକ ହୋଇଥିବାବେଳେ ଆଉ କେତେକ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ପାଳନ କରାଯାଇଥାଏ। ଏହିସବୁ ପର୍ବ ଲୋକମାନଙ୍କ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥାଏ। ସେହିପରି ସାହି-ସାହି ଓ ବସ୍ତି-ବସ୍ତି ମଧ୍ୟରେ ଏହା ସୁସମ୍ପର୍କ ସୃଷ୍ଟି କରିଥାଏ। ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶରେ ଆଖିଝଲସିବା ମେଢ, ଶୋଭାଯାତ୍ରା ଦୁର୍ଗାପୂଜାକୁ ଆହୁରି ସରସ ସୁନ୍ଦର କରିଥାଏ। ଏହିସବୁ ପୂଜାରେ ଜନସାଧାରଣ ଅପେକ୍ଷା କରିଥା'ନ୍ତି ଭସାଣି ସମୟକୁ। ଭସାଣି ବେଳର ଦୃଶ୍ୟ ଦୂରଦର୍ଶନ ମାଧ୍ୟମରେ ମଧ୍ୟ ପ୍ରଚାର-ପ୍ରସାର ହୋଇଥାଏ। ଏହାର ଦୃଶ୍ୟ ଅବର୍ଣ୍ଣନୀୟ। ଏଥିସହିତ ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଜନସମାଗମ ହୁଏ। ଯାହା ସନ୍ଧ୍ୟା ସମୟରେ ଏକ ନିଆରା ପରିବେଶ ସୃଷ୍ଟି କରିଥାଏ। ଆବାଳ-ବୃଦ୍ଧ-ବନିତା ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥା'ନ୍ତି। ଏଥର ଶାରଦୀୟ ପାର୍ବଣ ଋତୁ କରୋନା ଯୋଗୁଁ ଫିକା ପଡିଯାଇଛି। ଆନ୍ତର୍ଜାତିକ ସ୍ତରରେ ଏହି କରୋନା ପ୍ରାୟ ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଆତଙ୍କିତ କରି ରଖିଛି। ଏହାର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ର ସହିତ ଚଳିତ ବର୍ଷର ପାର୍ବଣ ଋତୁରେ ପଡୁଥିବା ପର୍ବମାନଙ୍କ ଉପରେ ଯଥେଷ୍ଟ ପରିଲକ୍ଷିତ ହୋଇଛି।

ଦେବଦର୍ଶନ, ଉପାସନା ମଣିଷର ଏକ ମୌଳିକ ଅଧିକାର। ଏହି ମହାମାରୀ ସମୟରେ ପୂଜା ନିରାଡମ୍ବର ଭାବେ ଓ ବିଧିରକ୍ଷା ପୂର୍ବକ ପାଳନ ହେବା ଦୋଷାବହ ନୁହେଁ। ଆୟୋଜକମାନେ ମଧ୍ୟ ରଥଯାତ୍ରା ପରି ଏଥିପାଇଁ ସହଯୋଗ କରିବେ, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ସରକାରଙ୍କ ଏହି କଠୋର କଟକଣା ଦ୍ୱାରା ମଣିଷର ଧାର୍ମିକ ସ୍ୱାଧୀନତାଟି ଯେ କ୍ଷୁର୍ଣ୍ଣ ହେଉଛି ଏହା ସରକାର ଚିନ୍ତା କରିବା ଦରକାର। ଏ ଦିଗକୁ ଅଣଦେଖା କଲେ ଚଳିବ ନାହିଁ। ଏଇଠି ମନେପଡୁଛି ୧୦୦ବର୍ଷ ତଳର ଦୁଇବର୍ଷିଆ ସ୍ପାନିସ୍ ଫ୍ଲୁ'ର କଥା। ସେହି ସମୟରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତବର୍ଷ ପରି ଏବର୍ଷ ମଧ୍ୟ ଇତିହାସର ପୁନରାବୃତ୍ତି ଘଟିଛି। ମୂର୍ତ୍ତି ଉଚ୍ଚତା ନୁହେଁ; ବରଂ ଭକ୍ତିଭାବନା ହିଁ ବଡକଥା। ଆମକୁ ମନେରଖିବାକୁ ହେବ ଯେ ଜୀବନ ଆଗ, ଆଉ ସବୁ ପଛ। ଏ କଥାକୁ ଆମକୁ ଗୁରୁତ୍ୱ ଦେବାକୁ ହେବ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଦୀନବନ୍ଧୁ ଗୋପବନ୍ଧୁ



ଗୋପବନ୍ଧୁ ଓଡ଼ିଶାର ମଣି, ଉତ୍କଳମଣି ଜଣେ ସମାଜସେବୀ, ସମାଜ ସଂସ୍କାରକ, ସକ୍ରିୟ ରାଜନୀତିଜ୍ଞ, ସାମ୍ବାଦିକ, କବି, ପ୍ରାବନ୍ଧିକ, ବିଶିଷ୍ଟ ଶିକ୍ଷାବିତ୍ ଓ ଓକିଲ ଭାବରେ ବେଶ୍ ଜଣାଶୁଣା ଥିଲେ। ସେ ୯ ଅକ୍ଟୋବର ୧୮୭୭ ମସିହାରେ ପବିତ୍ର ଦଶହରା ଦିବସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀ ଦୈତାରୀ ଦାସ ଓ ମାତାଙ୍କ ନାମ ହେଉଛି ସ୍ୱର୍ଣ୍ଣମୟୀ ଦେବୀ। ସେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶୈଶବରୁ ସେ ଥିଲେ ମାତୃହରା।

ପ୍ରଥମେ ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀରେ ହୋଇଥିଲା। ୧୮୯୩ ମସିହାରେ ସେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ। ସେଇଠି ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ୍ ହେଲା। ସେ ପାଲଟିଗଲେ ଗୋପବନ୍ଧୁଙ୍କର ଦିଗ୍‌ଦର୍ଶକ ଏବଂ ଦେଶସେବୀର ପଥପ୍ରଦର୍ଶକ। ଗୋପବନ୍ଧୁ ପୁରୀରେ ପଢୁଥିଲା ବେଳେ ପୁରୀରେ ଏକ ଭୟଙ୍କର ହଇଜା ହୋଇଥିଲା ଯେଉଁଥିରେ ପାଖାପାଖି ୭୫ ହଜାର ଲୋକ ମରିଥିଲେ। ଗୋପବନ୍ଧୁ ପୁରୀରେ ଏକ ସେବା ସମିତି ଗଠନ କରି ଏହି ହଇଜା ଆକ୍ରାନ୍ତ ରୋଗୀଙ୍କର ସେବା କରିବା ସହିତ ରାତିଦିନ ଲାଗି ସେମାନଙ୍କର ଶବ ସତ୍କାର କରୁଥିଲେ। ତାଙ୍କର ଏହି ହଇଜା ସେବାରୁ ପୁରୀ ଗଢ଼ିଉଠିଲା କଲେରା ଡାକ୍ତରଖାନା ବା କଲେରା ହସ୍‌ପିଟାଲ ନାମରେ ଯାହାକି ଏବେ ପରିଚିତ।

ଛାତ୍ରାବସ୍ଥାରୁ ସେ ଥିଲେ ଜଣେ ବିପ୍ଳବୀ। ତେଣୁ ସେ କୌଣସି ପ୍ରକାର ଅନ୍ୟାୟକୁ ବରଦାସ୍ତ କରିପାରୁନଥିଲେ। ଏମିତିକି ତତ୍‌କାଳୀନ ଶିକ୍ଷାଅଧିକାରୀ ଶ୍ରୀ ରାଧାନାଥ ରାୟଙ୍କୁ ମଧ୍ୟ ଆକ୍ରମଣ ନକରି ଛାଡ଼ି ଦେଇନଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେ ପାଲଟିଗଲେ ରାଧାନାଥ ରାୟଙ୍କର ଜଣେ ବିଶିଷ୍ଟ ବନ୍ଧୁ। ମାତ୍ର ୧୨ ବର୍ଷରେ ସେ ଅପର୍ତୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ତାଙ୍କ ପଢ଼ାରେ ପ୍ରତିବନ୍ଧକ ନଥିଲା। ପୁରୀରୁ ମାଟ୍ରିକ୍ ପାସ୍ ପରେ ସେ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ। ଠିକ୍ ଏତିକିବେଳେ ତାଙ୍କର ପିତୃବିୟୋଗ ହେଲା। ତଥାପି ଧୈର୍ଯ୍ୟ ନହରାଇ ସେ ପଢ଼ା ଚାଲୁ ରଖିଲେ। ଏହି ସମୟରେ ବଙ୍ଗୀୟମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଚକ୍ରାନ୍ତ ଆରମ୍ଭ କରିଥାଆନ୍ତି। କ୍ରାନ୍ତି ଲାଲ ଭଟ୍ଟାଚାର୍ଯ୍ୟଙ୍କ ଭାଷାରେ 'ଓଡ଼ିଆ ଏକଟା ଭାଷା ନୟେ, ଗୋପବନ୍ଧୁ ଏହା ବିରୋଧରେ ଆନ୍ଦୋଳନ କଲେ। ସେ 'କର୍ତବ୍ୟବୋଧିନୀ' ସମିତି ଗଠନ କରି ତା ମାଧ୍ୟମରେ ଏହାର ତୀବ୍ର ପ୍ରତିବାଦ କଲେ। ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତା ଭାଷା। ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ'। ଏନେଇ ରାମଚନ୍ଦ୍ର ଦାଶ ଓ ଗୋପବନ୍ଧୁଙ୍କ ଉଦ୍ୟମରେ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସେ କଟକରେ ଯୋଗଦେଇଥିଲେ। ଏତିକି ବେଳେ ତାଙ୍କ ପ୍ରଥମ ପୁତ୍ରସନ୍ତାନଙ୍କ ମୃତ୍ୟୁ ଘଟିଲା। ତଥାପି ସେ ପଢ଼ା ଓ ଦେଶସେବାରେ ଆଗୁସାର ଥିଲେ। ୧୯୦୪ରେ ରେଭେନ୍ସା କଲେଜରୁ ବି.ଏ ପାସ୍ କଲେ। ସେତେବେଳେ ସେ ଥିଲେ ଓଡ଼ିଶାର ୧୭ ନମ୍ବର ଗ୍ରାଜୁଏଟ୍। ତାପରେ କଲିକତାରେ ବି.ଏଲ୍ ପଢ଼ିଲେ। ସେଠାରେ ପ୍ରବାସୀ ଓଡ଼ିଆଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଭାଙ୍ଗିପଡ଼ିଲେ ଏବଂ ଏହି ଶ୍ରମିକମାନଙ୍କୁ ନେଇ ଏକ 'ଶ୍ରମିକ ସଂଘ' ଓ ସେମାନଙ୍କର ଶିକ୍ଷାର ଉନ୍ନତିକଳ୍ପେ ଏକ 'ସାଂଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ତାଙ୍କ ୨ୟ ପୁତ୍ରର ମଧ୍ୟ ମୃତ୍ୟୁ ହେଲା ଆଉ ଯେଉଁଦିନ ବି.ଏଲ୍ ପାସ୍ ଖବର ଶୁଣିଲେ ସେଇଦିନ ତାଙ୍କ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ହେଲା। ସତରେ ଦଇବର ଏ କି ଦଣ୍ଡ। ତଥାପି ଗୋପବନ୍ଧୁ ନିର୍ବିକାର ପୁରୁଷ ପରି ଆଗେଇ ଚାଲିଲେ। ଧନ୍ୟ ତୁମେ ଗୋପବନ୍ଧୁ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମଧ୍ୟ ତାଙ୍କ ଭୂମିକା କମ୍ ନୁହେଁ। ମଧୁସୂଦନ ଓ ଅନ୍ୟମାନଙ୍କ ସହ ସେ ମଧ୍ୟ ଥିଲା ଅଗୁସାର। ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ସେବା ଥିଲା ତାଙ୍କର କର୍ମ ଏବଂ ଧର୍ମ। ବନ୍ୟା, ମରୁଡ଼ି ଓ ଯେ କୌଣସି ଦଇବ ଦୁର୍ଘଟଣା ବେଳେ ସେ ଥିଲେ ଆପତ୍‌କାଳୀନ ସାଥୀ। ଚୂଡ଼ା, ଚାଉଳ, ସାହାଯ୍ୟ ସହଯୋଗ ଓ ଲୋକବଳ ଧରି ସେ ଥିଲେ ତାଙ୍କ ପାଖରେ ହାଜର। ଆଖିରେ ଥିଲା ସେମାନଙ୍କ ପାଇଁ; କାନ୍ଦ ଆଉ କାନ୍ଦ। ଖାଲି କାନ୍ଦ। ସେ ସେମାନଙ୍କର ଦୁଃଖ ନେଇ ସରକାରଙ୍କର ପାଖରେ ଉପସ୍ଥାପନ କରୁଥିଲେ। ଦୁଃଖ ହାରୁଥିଲେ। ସେବା ପାଖରେ ତାଙ୍କ ପରିବାର ବି କିଛି ନୁହେଁ। ଥରେ ସେମିତି ବନ୍ୟାକାଳୀନ ସେବା ବେଳେ ସେ ବାର୍ତ୍ତା ପାଇଲେ ଯେ ତାଙ୍କ ପୁତ୍ର ଶଯ୍ୟାଶାୟୀ। ତାଙ୍କୁ ଯିବାକୁ ହେବ। ସେ ଗଲେ ନାହିଁ ଏବଂ ଓଲଟ କହିଲେ : ମୋ ପୁଅ ପାଇଁ ଜଗନ୍ନାଥ ଅଛନ୍ତି। ଅଛନ୍ତି ଅନ୍ୟମାନେ। ସେମାନେ ବୁଝିବେ।... ଯାହା ଘଟିବା କଥା ଘଟିବ। ଏଠି ଶହ ଶହ ସନ୍ତାନ ବି ଦୁର୍ଦ୍ଦଶାରେ ଅଛନ୍ତି ଦେଖିପାରୁଛ ? ମୁଁ ଏମାନଙ୍କୁ ଛାଡ଼ି କେମିତି ଯିବି ? ପୁଅ ଚାଲିଗଲା। ସେ ଗଲେ ନାହିଁ। କେମିତି ବାପା ଇଏ ?



ଆଉ ଥରେ ବନବିଦ୍ୟାଳୟ ଥିବା ବେଳେ ସେ ଘର ଭିତରେ ଶୋଇଥାନ୍ତି। ତାଙ୍କ ପାଖରେ ଶୋଇଥାନ୍ତି ତାଙ୍କର ବିଶ୍ୱସ୍ତ ସେବକ ରାମଚନ୍ଦ୍ର ବାରିକ। ବାହାର ବାରଣ୍ଡାରେ ଶୋଇଥାନ୍ତି ଆଚାର୍ଯ୍ୟ ହରହର। ପ୍ରବଳ ବର୍ଷା ତାଙ୍କ ନିଦ ଭାଙ୍ଗିଗଲା। ସେ ଉଠିକି ଭୋ ଭୋ କାନ୍ଦିଲେ। ଏ କାନ୍ଦଣାରେ ରାମଚନ୍ଦ୍ର ବାରିକ ଓ ଆଚାର୍ଯ୍ୟ ହରିହରଙ୍କର ନିଦ ଭାଙ୍ଗିଗଲା। ସେମାନେ ପଚାରିଲେ : ଏ କ'ଣ ? ଆପଣ କାନ୍ଦୁଛନ୍ତି କାହିଁକି ? ସେ କହିଲେ : ଦେଖିପାରୁନ ମୁର୍ଖ। ଇଏ କିମିତି ବର୍ଷୁଛି। ମାସେ ତଳେ ମୁଁ ଦେଖି ଆସିଥିବା ଭଙ୍ଗା କାନ୍ଥ ଓ ଚାଳ ଉଡିଯାଇଥିବା କୁଡ଼ିଆରେ ମୋ ପିଲାଏ ବଂଚିଥିବେ କେମିତି ? ଏ ହେଉଛନ୍ତି ଦୀନବନ୍ଧୁ, 'ଦୀନବନ୍ଧୁ ଗୋପବନ୍ଧୁ'। ତାଙ୍କର ବିଶ୍ୱାସ ଥିଲା ଯେ ସମାଜର ଉନ୍ନତି ପାଇଁ ଶିକ୍ଷା ହିଁ ଏକମାତ୍ର ଆଧାର। ଶିକ୍ଷା ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ। ଏଣୁ ସମାଜର ପ୍ରଗତି ଓ ଉନ୍ନତିକଳ୍ପେ ତଥା ମୁକ୍ତାଆର୍ ରାମଚନ୍ଦ୍ର ଦାଶଙ୍କ ପରାମର୍ଶ ଓ ମଧୁସୂଦନ ଦାସଙ୍କ ନିଷ୍ପତି କ୍ରମେ ୧୯୦୯ରେ ସେ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା ବନରେ ଗଢ଼ିଲେ ସତ୍ୟବାଦୀ ବନବିଦ୍ୟାଳୟ। ଏହା ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନର ଢ଼ାଂଚାରେ ଗଢ଼ାଗଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଯେ ଏଠାକାର ଶିକ୍ଷାଦ୍ୱାରା ଯେପରି ଜଣେ ଛାତ୍ରର ଶାରୀରିକ, ମାନସିକ ଓ ଆଧାତ୍ମିକ ଉନ୍ନତି ହେଉ। ଏକ ପ୍ରାକୃତିକ ପରିବେଶ ମଧ୍ୟରେ ଏହା ଥିଲା ଏକ ଆବାସୀ ବିଦ୍ୟାଳୟ ଯେଉଁଠି ଗୁରୁଶିଷ୍ୟଙ୍କ ସଂପର୍କ ଥିଲା ପୂର୍ଣ୍ଣ, ପବିତ୍ର ଓ ମଧୁମୟ। ଏଇଠୁ ସୃଷ୍ଟି ହେଉଥିଲେ ଅନେକ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ।

ଜଣେ ଓକିଲ ହିସାବରେ ସେ ବିଫଳ କାରଣ ଗରିବ ଲୋକଙ୍କୁ ଶୋଷଣ କରିବା ତାଙ୍କର ମନୋବୃତି ନଥିଲା। ଓଲଟି ସେ ସେମାନଙ୍କର ସମସ୍ୟାକୁ କଚେରୀ ଦୁଆର ମୁହଁରୁ ମାଗଣା ମାଗଣାରେ ଆଶୁ ଆପୋଷ ସମାଧାନ କରି ଛାଡ଼ି ଦେଉଥିଲେ। କାହାକୁ ସର୍ବସ୍ୱାନ୍ତ ହେବାକୁ ସେ ଦେଉନଥିଲେ। ଗୋପବନ୍ଧୁ ମଧୁସୂଦନ ଦାସଙ୍କ ପାଖରେ ଓକିଲାତି କରୁଥିଲେ। ସେ ତାଙ୍କର ପରାମର୍ଶକ୍ରମେ ମୟୂରଭଂଜର ରାଜା ଶ୍ରୀରାମଚନ୍ଦ୍ର ଭଂଜଙ୍କର ସହକାରୀ ଓକିଲ ଭାବରେ ଯୋଗଦେଇ ବେଶ୍ ଶ୍ରଦ୍ଧାଭାଜନ ଓ ନାଁ କମାଇଥିଲେ। ତାଙ୍କର ସାଧୁତା ଓ ମଣିଷ ପଣିଆ ରାଜାଙ୍କୁ ବେଶ୍ ପ୍ରୀତ କରିଥିଲା। ରାଜାଙ୍କ ମୃତ୍ୟୁ ପରେ ସେ ମୟୂରଭଂଜ ଛାଡ଼ିଥିଲେ। ପ୍ରଥମରୁ ଗୋପବନ୍ଧୁ ରାଜନୀତିର ଧାର ଧରୁନଥିଲେ। ଅଥଚ ମଧୁବାବୁଙ୍କ ପ୍ରରୋଚନାରେ ସେ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ଓଡ଼ିଶା-ବିହାର ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୧୯୨୦ରେ କଲିକତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଯେଉଁଠି ଗାନ୍ଧୀଙ୍କ ଆଦର୍ଶ ପ୍ରତି ସେ ଆକର୍ଷିତ ହୋଇଥିଲେ। ତାଙ୍କରି ନିମନ୍ତ୍ରଣରେ ଗାନ୍ଧିଜୀ ପ୍ରଥମ କାଠଯୋଡ଼ି ଠାରେ ଅସହଯୋଗ ଭାଷଣ ଓ ଆନ୍ଦୋଳନର ମୂଳଦୂଆ ଓଡ଼ିଶାରେ ପକାଇଥିଲେ। ଗୋପବନ୍ଧୁ ଥିଲେ ଓଡ଼ିଶା କଂଗ୍ରେସ ପ୍ରଦେଶ କମିଟିର ପ୍ରଥମ ଅଧ୍ୟକ୍ଷ। ସେ ତାଙ୍କ ପ୍ରଚେଷ୍ଟାରେ ଓ କଂଗ୍ରେସକର୍ମୀଙ୍କ ସହାୟତାରେ କଟକରେ ସ୍ୱରାଜ ସେବକ ସଂଘ ଓ ଆଶ୍ରମ ଗଠନ କରିଥିଲେ। ଯେଉଁଥିପାଇଁ ସେ ବ୍ରିଟିଶ ସରକାରଙ୍କର ଚକ୍ଷୁଶୀଳ ହେଲେ। ସେଥିପାଇଁ ସେ ୧୯୨୨ ମେ ୩୧ରେ ଗିରଫ ହୋଇ ୨ ବର୍ଷ ପାଇଁ ଜେଲ୍ ଭୋଗିଲେ ଏବଂ ୧୯୨୪ ମସିହା ଜୁନ୍ ୨୬ ଜାନୁୟାରୀରେ ହଜାରିବାଗ୍ ଜେଲରୁ ମୁକ୍ତ ହୋଇଥିଲେ। ତାଙ୍କୁ ଟ୍ରେନ୍ ଯୋଗେ କଟକ ଆସିବା ବେଳେ ଓ କଟକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା।

ଓଡ଼ିଶା ଲୋକଙ୍କ ଦୁର୍ଦ୍ଦଶା ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମାଗାନ୍ଧିଙ୍କ ବାର୍ତ୍ତା ଓ ଜାତୀୟ ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ପ୍ରୟାସରେ ସେ ୧୯୧୪ରେ ସତ୍ୟବାଦୀରୁ ଏକ ମାସିକ ପତ୍ରିକା 'ସତ୍ୟବାଦୀ' ଏବଂ ୪ ଅକ୍ଟୋବର ୧୯୧୯ ମସିହା ଦଶହରା ତିଥିରେ ଆରମ୍ଭ କରିଥିଲେ ସାପ୍ତାହିକ ସମାଜ। ପରେ ଏହି ସମାଜ ୧୯୨୪ରୁ ପୁରୀରୁ ଓ ୧୯୨୭ ମସିହାରୁ କଟକରୁ ପ୍ରକାଶିତ ହେଲା। ୧୯୩୦ରୁ ସାପ୍ତାହିକ ସମାଜ ଦୈନିକରେ ପରିଣତ ହେଲା। ଏ ସମାଜରେ ଇଂରେଜ ସରକାରଙ୍କର ଦୁର୍ନୀତି ଓ ଶୋଷଣ ବିରୁଦ୍ଧରେ ସେ ତାଙ୍କର ଶାଣିତ ଲେଖନୀ ଚାଳନା କାରଣରୁ ୧୯୨୨ରେ କାରାବରଣ ମଧ୍ୟ କରିଥିଲେ। ୧୯୨୪ ଜୁନ୍ ୨୭ରେ ସେ କାରାମୁକ୍ତ ହେଲେ ଏବଂ ଏହି ଅବସରରେ ତାଙ୍କୁ ଏକ ବିଶାଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଇଠି ଭାଷଣରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ସମ୍ବର୍ଦ୍ଧିତ କରିଥିଲେ ଏବଂ ଉପାଧିକୁ ସମବେତ ଜନତାର କରତାଳି ଧ୍ୱନିରେ ସ୍ୱୀକୃତି ପ୍ରଦାନ କରିଥିଲେ। ସେବେଠୁ ସେ ହେଲେ 'ଉତ୍କଳମଣି ଗୋପବନ୍ଧୁ'। ଏହି କାରବାସ ବେଳେ ସେ ତାଙ୍କର 'କାରାକବିତା ଓ ବନ୍ଦୀର ଆତ୍ମକଥା' ରଚନା କରିଥିଲେ। ଗୋପବନ୍ଧୁଙ୍କର ତ୍ୟାଗ ଓ ଦରଦୀ ହୃଦୟରେ ପ୍ରୀତ ହୋଇ ଲାଲା ଲଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ସଦସ୍ୟ ରୂପେ ଗ୍ରହଣ କରିଥିଲେ। ପରେ ଗୋପବନ୍ଧୁ ଥିଲେ ଏହି ଅନୁଷ୍ଠାନର ଉପାଧ୍ୟକ୍ଷ।

ଗୋପବନ୍ଧୁଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ ସେ ଥିଲେ ଜଣେ ବଶିଷ୍ଟ କବି, ପ୍ରାବନ୍ଧିକ ଓ ସାହିତ୍ୟିକ। ତାଙ୍କର ନିଜ ପତ୍ରିକା 'ସମାଜ' ଓ 'ସତ୍ୟବାଦୀ' ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ପତ୍ରପତ୍ରିକାରେ ତାଙ୍କର ଛାପ ଛାଡ଼ିଯାଇଛନ୍ତି। ତାଙ୍କର ଶ୍ରେଷ୍ଠ କୃତି ମଧ୍ୟରେ ଅଛି 'ଧର୍ମପଦ', 'ଗୋ ମାହାତ୍ମ୍ୟ', 'ବ୍ରହ୍ମତତ୍ତ୍ୱ', 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା' ଓ ପ୍ରବନ୍ଧ 'ଓଡ଼ିଆର ଜାତୀୟତା'।

ତାଙ୍କ ସାହିତ୍ୟରେ ଆମ ପାଇଁ ଛାଡ଼ି ଯାଇଥିବା କିଛି ଆପ୍ତ ବାକ୍ୟ:- *"ବିପଦ ପ୍ରଭୁଙ୍କ କଷଟି ପାଷାଣ
ପରଖନ୍ତି ନାହିଁ ନର ହୃଦ ଟାଣ ।
ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।
କାତରତା ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ।
ସୁଖ ଦୁଃଖ ଚକ୍ର ଘୁରେ ନିରନ୍ତର
ଏକ ପରେ ଆନ ଆସିବ ନିକର ।
ନିଜ ସ୍ୱାର୍ଥ ଲାଗି ଜାତି ନୁହେଁ ହିନ୍ଦୁ
ବିଶ୍ୱ ହିତେ ତା'ର ପ୍ରତି ରକ୍ତବିନ୍ଦୁ ।
ଗୁଣ ଥିଲେ ରୂପରେ କି ଅଛି ପ୍ରୟୋଜନ
ରୂପ ଅଟଇ କେବଳ ବାହ୍ୟ ଆବରଣ
ପଛଘୁଂଚା ନାହିଁ ବୀରର ଜାତକେ
ନମରେ ସେ କେବେ ପରାଣ ଆତଙ୍କେ ।"*

ଏହିପରି ଅନେକ ଆପ୍ତବାକ୍ୟ ତାଙ୍କ ସାହିତ୍ୟର ସୃଷ୍ଟିର ସମ୍ଭାର ମଧ୍ୟରେ ଅଛନ୍ତି। ୧୯୨୮ରେ ଲୋକସେବକ ମଣ୍ଡଳରେ ଯୋଗଦେବା ପାଇଁ ଲାହୋର ଗଲାବେଳେ ଗୋପବନ୍ଧୁ କଲିକତାଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇପଡ଼ିଲେ ଏବଂ ସେଇଠୁ ସତ୍ୟବାଦୀ ଫେରି ଆସିଲେ। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଉଠିଲା। ସେ ମୃତ୍ୟୁକୁ ଏବେ ବହୁ ନିକଟରୁ ଦେଖିପାରୁଥିଲେ। ଏଣୁ ମୃତ୍ୟୁପୂର୍ବରୁ ସେ ନିଜ ଇଚ୍ଛାପତ୍ରରେ 'ସମାଜ' ଓ 'ସତ୍ୟବାଦୀ' ପ୍ରେସର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ। ଏହି ଇଚ୍ଛାପତ୍ର ସଂପାଦନର ୨ ଘଂଟା ପରେ ଅର୍ଥାତ୍ ୨୬ ତାରିଖ ରବିବାର ସଂଧ୍ୟା ୭.୨୫ ମିନିଟ୍‌ରେ ସେ ଶେଷନିଶ୍ୱାସ ତ୍ୟାଗ କଲେ।

ଏବେ ବନ୍ୟା, ମରୁଡ଼ି ବା ପ୍ରାକୃତିକ ଦୁର୍ବିପାକ କି ଦେଶସେବା ବା ରାଜନୀତି କଥା କହିଲେ ସେ ଦରଦୀ ଲୋକଟି ଖୋଜା ପଡ଼େ। ଗୋପବନ୍ଧୁ କାହିଁ ଗଲ... ?

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମରେ କୃଷି ବିଶେଷଜ୍ଞ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**

ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।



**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।



**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।

ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।



# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଢ଼ାଞ୍ଚାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

**ଇଂ ଅଭୟ ସୂତାର**

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




## ଗାନ୍ଧୀ ଜୟନ୍ତୀରେ "ସାମ୍ପ୍ରତିକ ସମୟରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା" ଶୀର୍ଷକ ଆଲୋଚନାଚକ୍ର



କେନ୍ଦ୍ରାପଡ଼ା (ପିଏନ୍): ସମଗ୍ର ବିଶ୍ୱ ଏବେ ହଜାର ହଜାର ଟନ୍‌ର ବାରୁଦଗଦା ଉପରେ ଠିଆ ହୋଇଥିବାବେଳେ ମାନବ ସଭ୍ୟତାର ସୁରକ୍ଷିତ ଭବିଷ୍ୟତ ପାଇଁ ଗାନ୍ଧୀ ବିଚାରର ପ୍ରସାର ଓ ପ୍ରୟୋଗ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ଗାନ୍ଧି ବିଚାରମଂଚ ଆନୁକୁଲ୍ୟରେ ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ "ସାମ୍ପ୍ରତିକ ସମୟରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା" ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇ ଆଲୋଚକ ମାନେ ମତବ୍ୟକ୍ତ କରିଛନ୍ତି। ଗାନ୍ଧୀ -୧୫୦ର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମ୍ ପରିସରରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସାହିତ୍ୟିକ ଡଃ. ବାସୁଦେବ ଦାସ ମୁଖ୍ୟବକ୍ତା ଓ ଶିକ୍ଷକ ନେତା ଅଧ୍ୟାପକ ଅଜୟ ସାମଲ, କେନ୍ଦ୍ରାପଡା ଓକିଲ ସଂଘର ପୂର୍ବତନ ସଭାପତି ସରୋଜରାଜ ସିଂ, ସମାଜସେବୀ ଭକ୍ତ ଚରଣ ମଲ୍ଲ ଏବଂ କବି ରାମକୃଷ୍ଣ ଦାଶ ସମ୍ମାନୀତ ବକ୍ତାରୂପେ ଯୋଗଦେଇ ଗାନ୍ଧିଜୀଙ୍କୁ କେବଳ ଜଣେ ମହାମାନବ ନୁହଁନ୍ତି ବରଂ ଏକ ବିଚାରର ପ୍ରତିକ ଭାବେ ଅଭିହିତ କରିବା ସହ ୧୯୪୮ ମସିହାର ଗାନ୍ଧୀ ହତ୍ୟା ସମୟରୁ ଏହି ବିଚାର ଉପରେ ଚାଲିଆସିଥିବା ଆକ୍ରମଣ ବର୍ତ୍ତମାନ ସମୟରେ ଶାସକୀୟ ପୃଷ୍ଟପୋଷକତା ଲାଭ କରି ଅଧିକ ଯୋଜନାବଦ୍ଧ ଓ ପରିପୃଷ୍ଟ ହୋଇଯାଇଛି ବୋଲି ମତବ୍ୟକ୍ତ କରି ଏହା ବିରୋଧରେ ସମସ୍ତ ଦେଶ ପ୍ରେମୀ ନାଗରିକ ଏକାଠି ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଗୋଲଖି ସେଠୀ ଗାନ୍ଧିଜୀଙ୍କ ପ୍ରିୟଭଜନ ଗାନ କରିଥିବାବେଳେ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ନିରଞ୍ଜନ ମେକାପ, ସାମ୍ବାଦିକ ଆଶୀଷ ସେନାପତି, ଗାଳ୍ପିକା ଅବନ୍ତୀ ବେହେରା, ଅମର ପ୍ରସାଦ ରାଉତ, ମେଜର ଭରତ ଚନ୍ଦ୍ର ଜେନା, ନୃସିଂହ ତ୍ରିପାଠୀ, ଅବଧୂତ ରାଉତ, ସଂଜୟ ମଲ୍ଲିକ, ଶରତ ରାଉତ, ଅମରେନ୍ଦ୍ର ଦାସ, ସଂଜୟ ମଥାନ, ସ୍ୱପ୍ନାଂଶୁ ଦାସ, ପାର୍ଥସାରଥି ବେହେରା, ଶୈଳବାଳା ସାମଲ, ଜାହିଦ୍ ଖାଁ, ଅମୀୟ ନାୟକ, ଅଜୟ ପାତ୍ର, ଅଧର ଚନ୍ଦ୍ର ସାହୁ, ଅପର୍ତି ସେଠୀ ପ୍ରମୁଖ ଆଲୋଚନା ଚକ୍ରରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ଆୟୁଷ ଡ଼ାକ୍ତରଙ୍କ ଅସହଯୋଗ, ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

ଖଣ୍ଡପଡା (ପିଏନ୍)) ଖଣ୍ଡପଡା, ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଖଣ୍ଡପଡା ବ୍ଲକ ଅଧିନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡ଼ାକ୍ତରମାନେ ଗତ ଶନିବାର ଠାରୁ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଫଳରେ ଡ଼ାକ୍ତରଙ୍କ ଅଭାବରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ଆୟୁଷ ଡ଼ାକ୍ତରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁର୍ବେଦିକ ଓ ହୋମିଓପାଥିକ ବିଭାଗ ଖୋଲିବା, ମାସିକ ବେତନ ବୃଦ୍ଧି କରିବା ଆଦି ୪ଦଫା ଦାବି ନେଇ ଆୟୁଷ ଡ଼ାକ୍ତର ରବିନ୍ଦ୍ର କୁମାର ସାହୁ, ଡଃ ଶୁସ୍ମିତା ପଟ୍ଟନାୟକ, ଡଃ ଏଲୋରା ଦାସ, ଡଃ ମଧୁସ୍ମିତା ଦାଶ, ଡଃ ଅରୁଣୀମା ଦଳେଇ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାଯାଇଛି । ତେବେ ଦାବି ହାସଲ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ସୂଚନା ଦେଇଛନ୍ତି।

## ଆହ୍ୱାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଯାଜପୁର (ପିଏନ୍)-'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନା ଛକସ୍ଥିତ କାର୍ଯ୍ୟାଳୟଠାରେ ପବିତ୍ର ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ସମ୍ପାଦକ ବିଶ୍ୱଜିତ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏନ୍.ସି. କଲେଜର ମୁଖ୍ୟ ପୁସ୍ତକାଗାର ରକ୍ଷକ ଅସିତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସେମାନଙ୍କର ନୀତି ଓ ଆଦର୍ଶରେ ପରିଚାଳିତ ହେବାକୁ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଆଇନଜୀବୀ ବିଷ୍ଣୁ ଦଳାଇ ଯୋଗଦେଇ ଭାରତବର୍ଷକୁ ବିଶ୍ୱ ସମ୍ମୁଖରେ ଶାନ୍ତି, ମୈତ୍ରୀ ଓ ସର୍ବଧର୍ମ ସମନ୍ୱୟର ଦେଶ ଭାବରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ପ୍ରତିପାଦିତ କରିପାରିଥିଲେ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ହୃଷିକେଶ ପତି ଯୋଗଦେଇ ମହାପୁରୁଷ ମାନଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶ ସେବାରେ ବ୍ରତୀ ହେବାପାଇଁ ଆଜି ସଂକଳ୍ପ ନେଲେ ତାଙ୍କ ପ୍ରତି ତାହା ଶ୍ରେଷ୍ଠ ସମ୍ମାନ ହେବ ବୋଲି କହିଥିଲେ । ସର୍ବଶ୍ରୀ ଗୋପାଳ ସାହୁ, ଶ୍ରୀକାନ୍ତ ସାହୁ, ରାଜେନ୍ଦ୍ର ସାହୁ, ରଞ୍ଜନ ନାୟକ, ତପନ ନାୟକ, ନରେନ୍ଦ୍ର ନାୟକ, ନବ ମଲ୍ଲିକ, ତିଳୋତ୍ତମ ଜେନା, ନମିତା ମିଶ୍ର, ଅନୁସୂୟା ମହାପାତ୍ର, ରୀତା ରାଉତ, ସୂର୍ଯ୍ୟମଣି ନାୟକ, ଶୁଭ୍ରଜିତ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଯୋଗଦେଇଥିଲେ । ଶେଷରେ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ବିଶିଷ୍ଟ ଲେଖକ କୁଳମଣିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

ଖଣ୍ଡପଡା (ପିଏନ୍) ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଖଣ୍ଡପଡା ସହରାଚଂଳର ବିଶିଷ୍ଟ ଲେଖକ ତଥା ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସନିକ ଅଧିକାରୀ କୁଳମଣି ଷଡଙ୍ଗୀଙ୍କୁ ୨୦୨୧ ବର୍ଷ ପାଇଁ ପ୍ରେରଣା ଦାୟୀ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଛି । ଇଂଟରଭ୍ୟୁ ଟାଇମସ୍ ଇଂରାଜୀ ପତ୍ରିକାର ୧୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମଗ୍ର ରାଜ୍ୟରୁ ୨୦ ଜଣ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଥିବା ଜଣାଯାଇଛି। ୨୦ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଶ୍ରୀ ଷଡଙ୍ଗୀ ସମ୍ମାନୀତ ହୋଇ ଖଣ୍ଡପଡା ଅଂଚଳ ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ସମଗ୍ର ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏଥି ନିମନ୍ତେ ଶ୍ରୀ ଷଡଙ୍ଗୀଙ୍କୁ ବୁଦ୍ଧିଜୀବି ମହଲରୁ ଶୁଭେଚ୍ଛା ଓ ପ୍ରଶଂସା କରାଯାଇଛି

## କବି ଡଃ. ଶ୍ରୀଧର ସାମଲଙ୍କ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ଲୋକାର୍ପିତ




କେନ୍ଦ୍ରାପଡ଼ା (ପିଏନ୍) : ସାରସ୍ୱତ ଜଗତର ଅମ୍ଳାନ ବ୍ୟକ୍ତିତ୍ୱ ତଥା ସୁନାମଧନ୍ୟ କବି ପ୍ରଫେସର ଡଃ. ଶ୍ରୀଧର ସାମଲଙ୍କ ଦ୍ୱିତୀୟ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ଓଡିଶାର ବିଶିଷ୍ଟ ସାହିତ୍ୟିକ ଡଃ. ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଡଃ. ଶ୍ରୀଧର ସାମଲଙ୍କ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ପୁସ୍ତକକୁ ଲୋକାର୍ପିତ କରିବା ସହ ଆଜିର ଯୁବକଯୁବତୀମାନେ ରାଜନୀତି ରୂପକ ମାୟା ମିରିଗ ବା ମରିଚିକା ପଛରେ ନଗୋଡାଇ ଏକ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ପ୍ରୟାସ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଡଃ. ସାମଲ କହିଥିଲେ ଯେ ରୂପ, ଭାବ, ଶବ୍ଦ ଓ ସାଙ୍ଗିକତାକୁ ନେଇ କବିତାର ସୃଷ୍ଟି ହୋଇଥାଏ। ଡଃ. ଶ୍ରୀଧର ସାମଲ ହେଉଛନ୍ତି ଜଣେ ମାଟି ମନସ୍କ କବି। ମାନବ ସଂପ୍ରିତି ତାଙ୍କ ଭିତରେ ଭରି ରହିଛି। ତେଣୁ ତାଙ୍କର ଏହି କବିତା ସଙ୍କଳନ ପୁସ୍ତକ "ସ୍ୱପ୍ନ କିଛି ବାକିଥାଉ" ଆଗାମୀ ଦିନରେ ନିଶ୍ଚିନ୍ତ ପାଠକୀୟ ସ୍ୱିକୃତି ଲାଭ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ଡଃ. ବୀଣାପାଣି ତ୍ରାପାଠୀ ଓ ପ୍ରାଧାପକ ଅଜୟ କୁମାର ସାମଲ ଯୋଗଦେଇ ପୂର୍ବାଶା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ କବି ଡଃ. ସାମଲଙ୍କ କବିତା ସଙ୍କଳନ ପୁସ୍ତକ ଏକ ଯୁଗପୋଯୋଗୀ ଓ ହୃଦୟସ୍ପର୍ଶୀ ବୋଲି ମତବ୍ୟକ୍ତ କରିବା ସହିତ ସେହି ପୁସ୍ତକର ସାମଗ୍ରିକ ରୂପ ବର୍ଣ୍ଣନା ସହ ସମୀକ୍ଷା କରିଥିଲେ। ଏହି ଅବସରରେ ମୌସୁମୀ ସାହିତ୍ୟ ସଂସଦ ପକ୍ଷରୁ କବି ହେମନ୍ତ କୁମାର ରାଉତ, ପ୍ରାବନ୍ଧିକ ନିରଞ୍ଜନ ମେକାପ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ଅଧାପକ ବୃନ୍ଦାବନ ଦାସ, କବି ରଞ୍ଜନ ବାଇ, କବି ଶଶିକାନ୍ତ ଦାସ ଓ କବି ନାରାୟଣ ଜେନାଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁକବି ହେମନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଶିଶିର କୁମାର ମହାପାତ୍ର ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶୁଭାଂଶୁ ଦାସ, ନଳିନୀକାନ୍ତ ପୃଷ୍ଟି, ଅବନ୍ତୀ ବେହେରା, ଅଜୟ କୁମାର ପାତ୍ର, ଅଧ୍ୟାପକ ତପନ କୁମାର ପତି, ଶିକ୍ଷାବିତ କାଶୀନାଥ ରାଉତରାୟ, ପ୍ରେମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ନାଗରିକ ଦିବସ ଅନୁଷ୍ଠିତ

ଯାଜପୁର (ପିଏନ୍)-ଯାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବୈଷ୍ଣବ ଦତ୍ତ ହାଇସ୍କୁଲଠାରେ ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରବୋଧ କୁମାର ନାୟକ ଆଜିର ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ସୂଚନା ଦେବା ସହିତ ଡିଜିଟାଲ ୱାଲର୍ଡ଼ ସହିତ ଉପସ୍ଥିତ ସଭ୍ୟମାନେ ଯୋଡ଼ି ହେବା ନିମନ୍ତେ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥିଭାବେ ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସମାଜକୁ ଶୃଙ୍ଖଳିତ ଓ ସଂସ୍କାର




ମନୋଭାବାପନ୍ନ କରିବା କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କର ମହନୀୟ ଅବଦାନ ରହିଛି । ଯୋଗ ମାଧ୍ୟମରେ ଶରୀରକୁ ସୁସ୍ଥ, ସୁନ୍ଦର ଏବଂ ନିରାମୟ ରଖିହେବ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ପୋଲିସ ପ୍ରଶାସକ ଗଦାଧର ରାଉତ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ନିମିତ୍ତ ସବୁପ୍ରକାର ରୋଗର ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ତଥା ଖୁବ୍ ଶୀଘ୍ର ଡାକ୍ତରଖାନା ପରିସରରେ ଜେନେଟିକ୍ ୱାର୍ଡ଼ ନିର୍ମାଣ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ, ସି.ଡି.ଏମ୍.ଙ୍କ ସହ ସାକ୍ଷାତ ଆଲୋଚନା କରିବାପାଇଁ ମତ ରଖିଥିଲେ । ଯାଜପୁର ସହରର ଅଧିବାସୀ ଭାବରେ ସଂଘ ବାହାରେ ଥିବା ବରିଷ୍ଠ ନାଗରିକମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ସଭ୍ୟମାନେ ଉଦ୍ୟମ କରିବା, ବାଳାଶ୍ରମରେ ୧ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସଂଘ ପକ୍ଷରୁ ଶିକ୍ଷାର ବ୍ୟବସ୍ଥା, ପୌରାଞ୍ଚଳ ମଧ୍ୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମନୋରଞ୍ଜନ କେନ୍ଦ୍ର ବ୍ୟବସ୍ଥା, ବୃକ୍ଷରୋପଣ, ସାମାଜିକ କଲ୍ୟାଣ ପାଣ୍ଠି ଗଠନ, ମାଳଆନନ୍ଦପୁରଠାରେ ପ୍ରସ୍ତାବିତ ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ସଂଘର ମାସିକ ବୈଠକ ଓ ପାଣ୍ଠି ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସର୍ବଶ୍ରୀ ଉଦୟ ନାରାୟଣ ପରିଡ଼ା, କ୍ଷୀରୋଦ ଚନ୍ଦ୍ର ପାଠୀ, ଅକ୍ଷୟ ମିଶ୍ର, ଶିଶିର ମହାପାତ୍ର, ବୃନ୍ଦାବନ ମିଶ୍ର, ଗୋପୀନାଥ ସେଠୀ, ଧନଞ୍ଜୟ କେଶରୀ ରାଉତରାୟ, ହରେକୃଷ୍ଣ ପରିଡ଼ା, ଅଧିକାରୀ ନବକିଶୋର ଦାସ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ । ମଧୁସୂଦନ ମହାନ୍ତି, ଅଜିତ ସାମନ୍ତ, ଭଗବତୀ ସାମନ୍ତ, ଅକ୍ଷୟ ଦାସ, ଦିବାକର ମିଶ୍ର, ପ୍ରଶାନ୍ତ ନାୟକ, ଲକ୍ଷ୍ମୀନାରାୟଣ ପତି, ନୃସିଂହ ଚରଣ ପଣ୍ଡା, ଶ୍ରୀନାଥ ମହାନ୍ତି, ରଜତ କୁମାର ବୋଷ, କଳିଙ୍ଗ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ରଥ, ଡ. ସୁରେନ୍ଦ୍ର ମିଶ୍ର, ପ୍ରଦୀପ କୁମାର ଦାସ, ନୃସିଂହ ଜେନା, ପ୍ରମୋଦ ନାୟକ, ନିରଞ୍ଜନ ଚିହ୍ନାରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୁ ଯୁବ ଜନତା ଦଳର ଜନସେବା କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଦୀର୍ଘ ୧ମାସ ଧରି ବିଭିନ୍ନ ଜନସେବା ମୂଳକ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି । ସେହି କ୍ରମରେ କେନ୍ଦ୍ରାପଡା ଜିଲ୍ଲା ବିଜୁ ଯୁବ ଜନତା ଦଳ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ କାର୍ଯ୍ୟ ଆରମ୍ଭ କରିଥିବା ଏହି ୧ମାସ ବ୍ୟାପି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସଫେଇ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ସର୍ବପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଯୁବ ଜନତା ଦଳର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ମିଶି ପରିସରକୁ ସଫେଇ କରିବା ସହିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ସହିତ କେତେ ନିବିଡ ସମ୍ପର୍କ ଥିଲା ସେ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳ ଉପସଭାପତି ଦେବଦାସ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭୋଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରାକ୍ତନ ପୌରାଧ୍ୟକ୍ଷ ଧିରେନ ସାହୁ, କାଳି ପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ବିଜୟ ପତି, ସ୍ନେହପ୍ରଭା ତ୍ରିପାଠୀ, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ(ଚନ୍ଦନ), ଆଲୋକ ସାହୁ, ମଙ୍ଗଳ ବରଣ ସିଂ, ନଗର ସଭାପତି ଯଯାତି କେଶରୀ ମହାନ୍ତି, ଦେବାଶିଷ କୁବେର, ପ୍ରମୋଦ ପ୍ରଧାନ, ଅଜୟ ମହାନ୍ତି, ସୟଦ ଅକମଲ ଅଲ୍ଲୀ, ଲୋହିତ ମହାନ୍ତି, ତ୍ରିଲୋଚନ ଦାସ, ବିଜୁ ଯୁବ ଜନତା ଦଳ ଜିଲ୍ଲା ଉପ ସଭାପତି ମହେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ, ଉମେଶ ନାୟକ, ଲେଲିନ ସ୍ୱାଇଁ, ନିରଞ୍ଜନ ବାରିକ, ମହେଶ ପାଢୀ, ରଞ୍ଜନ କର, ରକିବୁର ରହେମାନ, ନଗର ସଭାପତି ମାନସ ଦାସ, ବ୍ଲକ ସଭାପତି ସଙ୍ଗମ କେଶରୀ ସାମଲ, ସୁମନ୍ତ ପରିଡା, ମିହିର କୁମାର ସ୍ୱାଇଁ, ସୁଧିର ଜେନା, ବଳଭଦ୍ର ପଣ୍ଡା, ରମାକାନ୍ତ ମହାନ୍ତି, ଆଲୋକ ମହାଳି ପ୍ରମୁଖ ଯୋଗଦେଇ ଡାକ୍ତରଖାନା ପରିସରକୁ ସଫେଇ କରିଥିଲେ । ଶେଷରେ ବିଜୟ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରକୁ ମହାନଗର ନିଗମ ମାନ୍ୟତା ନେଇ ଆଲୋଚନାଚକ୍ର

ବାଲେଶ୍ୱର (ପିଏନ୍)- ଅବସରପ୍ରାପ୍ତ ସେନା ଅଧିକାରୀ ସମାଜସେବୀ ମହେଶ୍ୱର ବେହେରାଙ୍କ ଆବାହତତ୍ତ୍ୱରେ ବାଲେଶ୍ୱର ମାଧ୍ୟମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ଓ ବ୍ରହ୍ମପୁର ସହରକୁ ରାଜ୍ୟସରକାର ମହାନଗର ନିଗମ ମାନ୍ୟତା ଦେଉଥିବା ବେଳେ ବାଲେଶ୍ୱର ସହରକୁ କ'ଣ ପାଇଁ ମହାନଗର ନିଗମର ମାନ୍ୟତା ସରକାର ଦେଉନାହାନ୍ତି ତାହା ଉପରେ ବୁଦ୍ଧିଜୀବୀ ନିଜ ନିଜ ମତ ଉପସ୍ଥାପନ କରିଥିଲେ। କ୍ଷେତ୍ରମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଡ଼ା. ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଥିଲେ କି ଆମ୍ଭର ଜାତୀୟ ଚରିତ୍ର ପରିବର୍ତ୍ତନ ହେଲେ ଆମର ଦୃଷ୍ଟିକୋଣ ଓ ଯୋଜନା ଫଳବତୀ ହୋଇ ପାରିବ ନାହିଁ। ଏଥିପାଇଁ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ କହିଥିଲେ କି ବାଲେଶ୍ୱର ସହରକୁ ମହାନଗର ନିଗମରେ ପରିଣତ କରାଯିବା ଦାବି ଅତ୍ୟନ୍ତ ଯଥାର୍ଥ ଓ ସମୟଉପଯୋଗୀ। କଂଗ୍ରେସ ଦଳ ଏହି ଦାବିକୁ ଦୃଢ ସମର୍ଥନ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିବଦାଶ କୁଣ୍ଡୁ, ଜୟନ୍ତ ଦାସ, ଅବସରପ୍ରାପ୍ତ ପୁଲିସ ଅଧିକାରୀ କୈଳାଶ ଚନ୍ଦ୍ର ପରିଡ଼ା, ଅର୍ଚ୍ଚନା ନନ୍ଦି, ମମତା କୁଣ୍ଡୁ, ଦୁର୍ଗାପଦ ଭୂୟାଁ, ଖଗେନ୍ଦ୍ର ସ, ଅଶ୍ୱିନି ବର୍ଦ୍ଧନ, ରାଜେନ୍ଦ୍ର ରାଉତ, ମହେଶ ଚନ୍ଦ୍ର ପଣ୍ଡା, ଡ଼ା. ଗୌରହରି ଦତ୍ତ, ଅରୁଣ ପାଢୀ, ଅତୁଲ ଦାସ, ସୁଧିର ମିଶ୍ର ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ଟ୍ରାଇଥଲନ ଚାପିଂଅନସିପ୍‌ରେ ଧର୍ମଶାଳାର ପ୍ରଣବ ଦାସଙ୍କୁ ସ୍ୱର୍ଣ୍ଣପଦକ



ଧର୍ମଶାଳା (ପିଏନ୍): ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଟ୍ରାଇଥଲନ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ପାଖର ଗ୍ରାମର ପ୍ରଣବ ଦାସ(୨୦) ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ଦେଶର ୮୪ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିବା ସହିତ ଆସନ୍ତାବର୍ଷ ହେବାକୁ ଥିବା କମନୱେଲ୍‌ଥ ଗେମ୍ସ ଓ ଏସୀୟ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଜଣାପଡିଛି । ପ୍ରଣବଙ୍କ ଏହି କୃତିତ୍ୱ ଓଡିଶା ପାଇଁ ଆଉ ଏକ ଗର୍ବ ଆଣି ଦେଇଛି । ପାଖର ଗ୍ରାମର ବିକ୍ରମ ଦାସଙ୍କ ପୁଅ ପ୍ରଣବ ୧.୫ କିମି ପହଁରା, ୪୦କିମି ସାଇକେଲ ଚାଳନା ଓ ୧୦କିମି ଦୌଡିବା ପାଇଁ ୨ଘଂଟା ୩୦ମିନିଟ୍ ୫୫ସେକେଣ୍ଡ୍ ସମୟ ନେଇ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି । ଦେଢ ବର୍ଷ ପୂର୍ବେ କଟକରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ପ୍ରଣବ ଧନୁସକୋଡିରେ ହୋଇଥିବା ଦୁଆଥଲନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨ ଘଂଟାରେ ୪୦କିମି ସାଇକେଲ ଚାଳନା, ୧୦ ଓ ୫କିମି ଦୌଡି ରୌପ୍ୟ ପଦକ ବିଜେତା ହୋଇଥିଲେ । ବାପାମା'ଙ୍କ ସମେତ ତାଙ୍କର ସମସ୍ତ ପ୍ରଶିକ୍ଷକଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି ପ୍ରଣବ । ଏହି ସଫଳତା ପାଇଥିବା ପ୍ରଣବଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

### ଅବସରପ୍ରାପ୍ତ ଟ୍ରେଜେରି କର୍ମଚାରୀଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାରେ ରହୁଥିବା କାଏମା ଗ୍ରାମର ଅବସରପ୍ରାପ୍ତ ଟ୍ରେଜେରି କର୍ମଚାରୀ ଗୌରାଙ୍ଗ ପୃଷ୍ଟି(୭୬)ଙ୍କର ପରଲୋକ ହୋଇଯାଇଛି । ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ପୃଷ୍ଟି ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ଖବର ପାଇ ସ୍ଥାନୀୟ ଅଂଚଳର ବହୁବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପୁଅ ସରୋଜ ମୁଖାଗ୍ନି ଦେଇଥିଲେ ।

### ଖୁବ୍ ଶୀଘ୍ର ପ୍ୟାସେଂଜର ଟ୍ରେନ ଚାଲିବ

ବାଲେଶ୍ୱର(ପିଏନ୍)-କରୋନା କଟକଣା ପରଠାରୁ ବାଲେଶ୍ୱର ଦେଇ ପ୍ୟାସେଂଜର ଟ୍ରେନ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁଁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବସ୍‌ରେ ଅଧିକ ଭଡ଼ା ଦେଇ ଯାତ୍ରୀମାନେ ଯାତାୟାତ କରୁଛନ୍ତି। କରୋନା ସଂକ୍ରମଣ କମିବା ପରେ ଅନ୍ୟ ରାଜ୍ୟରେ ପ୍ୟାସେଂଜର ଟ୍ରେନ ଚଳାଚଳ କଲାଣି। ମାତ୍ର ଓଡ଼ିଶାରେ ଆଜି ସୁଦ୍ଧା ପ୍ୟାସେଂଜର ଟ୍ରେନ ଯାତାୟାତ କରୁନାହିଁ। କେବଳ ଗୋଟିଏ ଟ୍ରେନ ବାଲେଶ୍ୱର ଭଦ୍ରକକୁ ଯାଉଛି। ପୂର୍ବରୁ ୭-୮ ଦିନ ପ୍ୟାସେଂଜର ଟ୍ରେନ ଯାତାୟାତ କରୁଥିଲା। ଯାତ୍ରୀମାନେ ଟ୍ରେନରେ କଟକ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନକୁ ଯାଇ କାମ ସାରି ସଂଧ୍ୟା ସୁଦ୍ଧା ଫେରି ଆସୁଥିଲେ। ମାତ୍ର ପ୍ୟାସେଂଜର ଟ୍ରେନ ବନ୍ଦ ଯୋଗୁଁ ଅଧିକ ସମୟ ଓ ଅଧିକ ଖର୍ଚ୍ଚାନ୍ତ ହୋଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଗତ ୨୧ ତାରିଖରେ ଦକ୍ଷିଣ-ପୂର୍ବ ରେଳବାଇ ମୁଖ୍ୟପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ବାଲେଶର ଗସ୍ତରେ ଆସିଥିଲେ। ତାଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରେଳବାଇର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହିତ ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ପ୍ୟାସେଂଜର ଟ୍ରେନ ଚଳାଚଳ ନେଇ ଦୃଷ୍ଟି ଆର୍କଷଣ କରିଥିଲେ। ତେବେ ଟ୍ରାକ୍ ମରାମତି କାମ ୨ ତାରିଖଠାରୁ ଆରମ୍ଭ ହୋଇଛି। କେବେ ମରାମତି କାମ ସରିବ ଓ ପ୍ୟାସେଂଜର ଟ୍ରେନ ଚାଲିବ ତାକୁ ନେଇ ଅପେକ୍ଷା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ପ୍ରକାଶ ପାଇଲା ୨୦୨୨ ବଡ଼ଚଣା ନିର୍ବାଚନମଣ୍ଡଳୀ ଜିଲ୍ଲା ପରିଷଦ ଓ ସରପଂଚଙ୍କ ଆସନ ସ୍ଥାନ ସଂରକ୍ଷିତ ତାଲିକା

ଚଣ୍ଡିଖୋଲ :୨୦୨୨ ପଂଚାୟତ ନ୍ର୍ବାଚନ ଆଉକେତେଡା ଦିନ ବାକି ଥିବା ବେଳେ ବହୁ ପଂଚାୟତ ର ଆସନ କଣ ହେବ ତାହାକୁ ନେଇ ଅଶାର୍ଥୀଙ୍କ ମଧ୍ୟରେ ଉକ୍ଣ୍ଠା ରହିଥିଲା ଆଜି ଏହାର ଅନ୍ତ ଘଟିଛି । ବଡଚଣାର ୪୩ ଗୋଟି ପଂଚାୟତର ସରପଂଚ ଓ ୫ ଗୋଟି ଜିଲ୍ଲା ପରିଷଦ ଆସନ ପାଇଁ ତାଲିକା ବର୍ଗ ପ୍ରକାଶ ପାଇଛି ।ଏହି ତାଲିକାରେ ବଡଚଣାରେ ମହିଳାଙ୍କ ପ୍ରତି ବେଶୀ ପ୍ରାଧାନ୍ୟ ରହିଥିବାର ଦେଖିବାକୁ ମିଳିଛି ।୫ ଗୋଟି ଜିଲ୍ଲାପରିଷଦ ମଧ୍ୟରୁ ୧୬ ନ ଜୋନ ପାଇଁ ପଛୁଆବର୍ଗ ମହିଳା ,୧୭ ନ ଜୋନ ପାଇଁ ପଛୁଆ ବର୍ଗ ପୁରୁଷ ,୧୮ ନ ଜୋନ ପାଇଁ ମହିଳା ,୧୯ ନ ଜୋନ ପାଇଁ ଉଭୟ ମହିଳା ଓ ପୁରୁଷ ପାଇଁ ସ୍ଥାନ ସଂରକ୍ଷିତ ଥିଲା ବେଳେ, ୨୦ ନ ଜୋନ ପାଇଁ ଅନୁସୂଚିତ ମହିଳା ପାର୍ଥିବର୍ଗ ପାଇଁ ସଂରକ୍ଷିତ ରହିଅଛି .ସେହିପରି ୪୩ ଗୋଟି ପଂଚାୟତ ର ସରପଂଚ ପାର୍ଥୀ ମଧ୍ୟରୁ ତଫସିଲ ଭୁକ୍ତଜାତି ପୁରୁଷ ୪ ଓ ମହିଳା ୪ ଜଣ ,ତଫସିଲଭୁକ୍ତ ଉପଜାତି ପୁରୁଷ ୧ ଓ ମହିଳା ୨ ,ପଛୁଆବର୍ଗ ପୁରୁଷ ୫ ଓ ମହିଳା ୫, ଅସଂରକ୍ଷିତ ପୁରୁଷ ୧୧ ଓ ମହିଳା ୧୧ ମୋଟରେ ୪୩ ଟି ଆସନ ମଧ୍ୟରୁ ୨୨ ଜଣ ମହିଳାଙ୍କ ସ୍ଥାନ ସଂରକ୍ଷିତ ଥିବା ବେଳେ ୨୧ ଜଣ ବିଭିନ୍ନ ବର୍ଗର ପୁରୁଷଙ୍କ ପାଇଁ ଆସନ ସଂରକ୍ଷିତ ରହିଅଛି ।ଆଜି ବିଧିବଦ୍ଧ ଭାବେ ବଡ଼ଚଣା ବିଡ଼ିଓ ଅଜିତ ପ୍ରସାଦ ନାରାୟଣ ଗିରି ଏ ସମ୍ପର୍କିତ ଏକ ତାଲିକା ବ୍ଲକ କାର୍ଯ୍ୟାଳୟରେ ଲଗାଇଥିବା ସୂଚନା ମିଳିଛି ।

## ଜମି ବିନିଯୋଗ ସର୍ଭେ ସମ୍ପର୍କିତ କୃଷକ ସାଥୀଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦୁଝର: ଜିଲ୍ଲାର ୧୩ଟି ବ୍ଲକର ୪୨ଜଣ କୃଷକ ସାଥୀ ମାନଙ୍କୁ ନେଇ ଚଳିତ କୃଷି ବର୍ଷ ପାଇଁ ଓଡିଶା ସରକାରଙ୍କ ଯୋଜନା ଓ ସଂରଚନା ବିଭାଗ ଏବଂ ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଜମି ବିନିଯୋଗ ସର୍ଭେ ସମ୍ପର୍କିତ ୬ଦିନିଆ ପ୍ରଶିକ୍ଷଣ ଶିବିର ଚଳିତ ଅକ୍ଟୋବର ୬ତାରିଖରୁ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନରେ ଆରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ, ଭୁ ବନେଶ୍ୱରସ୍ଥ ଆଂଚଳିକ ଯୋଜନା ପ୍ରଯୁକ୍ତି ଅର୍ଥନୀତି ଓ ପରିସଂଖ୍ୟାନ ଅନୁଷ୍ଠାନର ସହ ନିର୍ଦ୍ଦେଶକ ଡଃ. ଶ୍ରୀକାନ୍ତ କୁମାର ଦାଶ ଏବଂ କେନ୍ଦୁଝର ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଉପସ୍ଥିତ ରହି ଉକ୍ତ ତାଲିମ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୂଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରିସଂଖ୍ୟାନ ଅଧିକାରୀ ପବିତ୍ର ମୋହନ ନାୟକ, ସୁଜିତଲାଲ ନାୟକ, ପରେଶ୍ୱର ଷଡଙ୍ଗୀ ଓ କର୍ମଚାରୀଙ୍କ ସହଯୋଗରେ ଉକ୍ତ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି ।

## ଅଜଣା କଣ୍ଟେନର ଧକାରେ ଜଣେ ମୃତ




ଚଣ୍ଡିଖୋଲ: ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଟ୍ରାଫିକ ଛକ ଉପରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ କଣ୍ଟେନର ଧକାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶଯେ ବାରିପଦା ନିବାସୀ ସଞ୍ଜୟ ଖିଲାର ନିଜ ସ୍ତ୍ରୀ ଙ୍କୁ କଟକ ବଡମେଡିକାଲରେ ଚିକିତ୍ସା କରି ଫେରୁଥିବା ବେଳେ ଚଣ୍ଡିଖୋଲ ଟ୍ରାଫିକ ଛକଠାରେ ଏକ କଣ୍ଟେନଏର ଖିଲାର ଙ୍କ ଗାଡିକୁ ଓଡି ୧୧ ପି ୯୪୮୮ ଧକା ଦେଇ ୫୩ ନ ଜାତୀୟ ରାଜପଥରେ ବାଲେଶ୍ୱର ଆଡକୁ ଯାଉଥିବା ବେଳେ ଶ୍ରୀ ଖିଲାର କଣ୍ଟେନଏର ଟିକୁ ଅଟକେଇବାକୁ ଚେଷ୍ଟା କରି କଣ୍ଟେନରତୀର ନିକଟତର ହେଇଥିଲେ । କଣ୍ଟେନଏର ଚାଲାକ ଦୃତ ଗତିରେ ଗାଡିକୁ ନେଉଥିବାବେଳେ କୌଣସିକରଣରୁ ଶ୍ରୀ ଖିଲାର ଗାଡ଼ିଆଗରେ ପଡିଯାଇଥିଲେ ଓ ଗାଡିଟି ତାଙ୍କ ଉପରେ ଚଢି ଚାଲିଯାଇଥିଲା ।ଘଟଣା ସ୍ଥଳରେ ହିଁ ତାଙ୍କ ର ମୃର୍ତ୍ୟୁ ହୋଇଥବା ଜଣପଡିଛି । ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଆସି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲ କୁ ପଠାଇଥିଲେ ।ଏପଟେ ରୋଗନା ସ୍ତ୍ରୀଟି ନିଜ ଗାଡ଼ିରେ ବସି ମୋ ସ୍ୱାମୀଙ୍କର କଣ ହେଇଛି ବୋଲି କାନ୍ଦି କାନ୍ଦି ଲୋକଙ୍କୁ ପଚାରୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରଙ୍କ ଥିଲା ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଳଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ୍ୟ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖୁଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ ।

## ଗାଈ ବିରି ଫସଲ ଖାଇବାରୁ ତୀରମାଡ କରି ହତ୍ୟା



କେନ୍ଦୁଝର: କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା କୋଡାକଳା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗୋରୁପଲ ବିରି ଖାଇ ଦେବାରୁ ଯୁବକଙ୍କୁ ତୀର ମାରି ହତ୍ୟା କରିଥିବା ଜଣାପଡିଛି । ମୃତକ ଜଣକ ହେଲେ ନୀଳ ଗିରି । ତାଙ୍କ ବୟସ ୨୮ ବର୍ଷ । ଅଭିଯୁକ୍ତ ଚଷା ଦେହରୀଙ୍କୁ ପୋଲିସ୍ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ ଗୁରୁବାର ଅପରାହ୍ନରେ ଗ୍ରାମର ଜଗଦୀଶ ଦେହୁରୀ, ସାଗୁ ଦେହୁରୀ, ନୀଳ ଗିରି ଗାଁ ପାଖ ଜଙ୍ଗଲରେ ଗାଈ ଚରାଉଥିଲେ । ତେବେ ଗୋରୁ ପଲରୁ କିଛି ଗାଈ ଚ,। ଦେହୁରୀଙ୍କ ଘର ଅଗଣାରେ ଚାଷ କରିଥିବା ବିରି ବାଡିରେ ପଶି ବିରି ଖାଇ ଦେଇଥିଲେ । ଗୋରୁପଲ ବିରି ଖାଇ ଦେବାରୁ ଚଷା ରାଗି ଯାଇ ଜଗଦୀଶ, ସାଗୁ ଓ ନୀଳକୁ ଏକ ଟାଙ୍ଗିଆରେ ପ୍ରଥମେ ଆକ୍ରମଣ କରିଥିଲା । ଏହି ସମୟରେ ସାଗୁ ଓ ଜଗଦୀଶ ଜଙ୍ଗଲକୁ ଦୌଡି ପଳାଇଥିଲେ । ପରେ ନୀଳ ଓ ଚଷାର କିଛି ସମୟ ସଂଘର୍ଷ ହୋଇଥିଲା । ଉଭୟ ଉଭୟଙ୍କୁ ପ୍ରତି ଆକ୍ରଣ କରିବା ପରେ ଚଷା ନୀଳକୁ ଏକ ଚଢେଇ ମରା ବାଟୁଳିରେ ତୀର ଲଗାଇ ଆକ୍ରମଣ କରିଥିଲା ଫଳରେ ତୀରଟି ନୀଳର ପେଟରେ ପଶି ଯାଇଥିଲା । ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା । ପରେ ଘଟଣା ବିଷୟରେ ଜବଦୀଶ ଓ ସାଗୁ ଗାଁକୁ ଯାଇ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ରାତିରେ ପୋଲିସ୍‌କୁ ଜଣାଇବା ପରେ ନୟାକୋଟ ଥାନା ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ଚଷାକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ଗଡବାନ୍ଧଗୋଡା ଠାରେ ବିଜେଡି ଦ୍ୱାରା ସାମାଜିକ ସେବା କାର୍ଯ୍ୟ ଆରମ୍ଭ

ଆନନ୍ଦପୁର: ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି କର୍ମୀମାନେ ଅକ୍ଟୋବର ୨ତାରିଖରୁ ସେବା କାର୍ଯ୍ୟ ଚାଲୁ ରଖିଛନ୍ତି । ବିଭିନ୍ନ ପ୍ରକାର ସାମାଜିକ ସେବା କାର୍ଯ୍ୟ ଯଥା ରକ୍ତଦାନ, ବୃକ୍ଷରୋପଣ ଇତ୍ୟାଦି ଦେଖିବାକୁ ମିଳିଛି । ଆଜି ଘଷିପୁରା ବ୍ଲକ ଗଡଗାନ୍ଧଗୋଡା ପଂଚାୟତ ଅନ୍ତର୍ଗତ ଦାନ୍ତିଆ ଗ୍ରାମରେ ୩୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଏକାଠି ହୋଇ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମକୁ ଗୁରୁଜନଙ୍କ ଉପସ୍ଥିତିରେ ଯୁବକମାନେ ସୁରୁଖୁରୁରେ କରଥିଲେ । ଗଡଗାନ୍ଧଗୋଡା ପଂଚାୟତରୁ ଆଗଧାଡିର ବିଜେଡି କର୍ମୀ ପ୍ରମୋଦ ସ୍ୱାଇଁ, ଭୀମସେନ ବିଶ୍ୱାଳ, ଅନନ୍ତ ନାୟକ, ପ୍ରଶାନ୍ତ ଚକ୍ର, ଅଜୟ ନାୟକ, ବ୍ରହ୍ମେଶ୍ୱର ମଲ୍ଲିକ, ଦିବାଗର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଜେନା, ଅଜୟ ରାଉତ, ନିକୁ ଚକ୍ର, ସୁବାସ ଭୂୟାଁ, ରମେଶ ଦେଓ, ସମ୍ବିଦ ଦେଓ, ରିତ ମଲ୍ଲିକ, ନବଘନ ବାରିକ, ବିରଞ୍ଚି ମଲ୍ଲିକ, ଦୟାନିଧି ସ୍ୱାଇଁ, ବିପିନ ଜେନା, ପାପୁନି ରାଉତ, ସରୋଜ ମଲ୍ଲିକ, ରାଜୁ ଖାଁ, ସୟ ରାଉତ, ବସନ୍ତ ବଳଙ୍କ ସହ ଯୁବକମାନେ ସାମିଲ ହୋଇଥିଲେ ।

## ରଣ ପ୍ରସାରଣ କାର୍ଯ୍ୟକ୍ରମ ସମ୍ପାଦିତ

କେନ୍ଦୁଝର: କେନ୍ଦୁଝର ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପରେ ଭାରତ ସରକାରଙ୍କ ଅର୍ଥ ସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଏହାର ସହଯୋଗୀ ବ୍ୟାଙ୍କ ମାନଙ୍କର ରଣ ପ୍ରସାରଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଯୋଗ ଦେଇଥିବା ବେଳେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, କେନ୍ଦୁଝରଗଡ ପୌରପାଳିକା ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଂଚଳର ଆଂଚଳିକ ପ୍ରବନ୍ଧକ ଉମେଶ କୁମାର ରଥ ଓ ନାବାର୍ଡର ଉପମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଶିଳ୍ପଦ୍ୟୋଗିଙ୍କୁ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ସହ ସ୍ୱାବଲମ୍ବୀ ହେବାପାଇଁ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ସହିତ କୃଷି ଓ କୃଷି ସମ୍ବନ୍ଧିତ ଆନୁଷଙ୍ଗିକ ରଣ, ମୁଦ୍ରା ଯୋଜନାରେ ଉପଲବ୍ଧ ରଣ ଓ ଖୁଚୁରା ରଣ ଆଦି ପାଇଁ ଭାରତ ସରକାରଙ୍କ ଅର୍ଥ ବିଭାଗର ଏହି ପ୍ରୟାସକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ବିଭିନ୍ନ ବ୍ୟାଙ୍କ ତରଫରୁ କମ୍ ସୁଧରେ ରଣ ଯୋଗାଇବା ସହ ସେମାନଙ୍କର ବିଭିନ୍ନ ଯୋଜନା ବଷୟରେ ସଚେତନ କରାଯାଇଥିଲା । ଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଭାଇ ଭଉଣୀ ମାନଙ୍କ ଭିତରେ ହାତ ପାଆନ୍ତାରେ ରଣ ଉପଲବ୍ଧ କରିବାର ଏହି ପ୍ରୟାସରେ କେନ୍ଦୁଝରରେ ବ୍ୟାଙ୍କିଙ୍ଗ ସେବା ଯୋଗାଉ ଥିବା ସମସ୍ତ ବ୍ୟବସାୟୀକ ବ୍ୟାଙ୍କ ମାନେ ସେମାନଙ୍କର ଏହି ରଣ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ସାମିଲ ଥିଲେ । ସମସ୍ତ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କର ହିତାଧିକାରୀ ମାନଙ୍କୁ ରଣ ସେବା ଯୋଗାଇ ଦେଇଥିଲେ । ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଉପସ୍ଥିତ ହିତାଧିକାରୀଙ୍କୁ ଏହି ଯୋଜନାରେ ପିକରଣ କରାଯାଇଥିଲା ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଘଟଗାଁରେ ଏକାଦଶ ସମିତି ବୈଠକ

ଘଟଗାଁ: ଆଜି ପଂଚାୟତ ସମିତିର ଏକାଦଶ ସମିତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଅତିଥି ରୂପେ ଯୋଗ ଦେବା ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ପଂଚାୟତ ପ୍ରତିନିଧିଙ୍କ ଉତ୍ତର ଦାୟୀତ୍ୱ ବିଷୟରେ ପୁଙ୍ଖାନୁପଙ୍ଖ ଆଲୋଚନା କରିଥିଲେ । ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ଦଣ୍ଡପାଟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ନାରାୟଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ତହସିଲଦାର ଜନକ ନାୟକ, ଉପାଧ୍ୟକ୍ଷ ବଲ୍ଲଭ ଦଳେଇ, ଏବିଡିଓ ଚିତ୍ତରନ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ମୁନା କାଲୁଣ୍ଡିଆ, ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସୁଶାନ୍ତ ମିଶ୍ର, ହିସାବ ଅଧିକାରୀ ଅଜିତ ଲାଲ ନାୟକ ଓ ଜପିଇଓ ଗୋପବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନକୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଉଁଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

## ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଲା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।






# କୋଇଲା ଯୋଗାଣ ଅଭାବ ହେତୁ ଓଡ଼ିଶାର ଉଦ୍ୟୋଗଗୁଡ଼ିକ ବନ୍ଦ ହେବା ଆଶଙ୍କା ଦେଖା ଦେଇଛି

ଭୁବନେଶ୍ୱର: କୋଇଲା ଅଭାବକୁ ଦୃଷ୍ଟିରେ ରଖି ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ଓଡ଼ିଶାର ମୁଖ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ସ୍ଥାନୀୟ ଶିଳ୍ପ ସଂସ୍ଥା ସମ୍ମୁଖୀନ ହେଉଥିବା କୋଇଲା ସଙ୍କଟକୁ ଦୂର କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛି। ଯଦି ରାଜ୍ୟର ହସ୍ତକ୍ଷେପ ଦ୍ୱାରା ଏହି ସମସ୍ୟାର ସମାଧାନ ନହୁଏ ତେବେ ରାଜ୍ୟର ବିକାଶୀଳ ଶିଳ୍ପ କ୍ଷେତ୍ର ବନ୍ଦ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ପତ୍ର ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରାଯାଇଛି ଯେ ରାଜ୍ୟର ସ୍ଥାନୀୟ ଶିଳ୍ପ ଗୁଡ଼ିକୁ କୋଇଲା ଯୋଗାଣ ସୁନିଶ୍ଚିତ କରିବା ପାଇଁ ମହାନଦୀ କୋଲ ଫିଲଡସ ଲିମିଟେଡ ଏବଂ କୋଲ ଇଣ୍ଡିଆ ଲମିଟେଡ ତୁରନ୍ତ କୋଇଲା ମନ୍ତ୍ରାଳୟ ସହ ଯୋଗାଯୋଗ କରିବା ଆବଶ୍ୟକ। ଆଶ୍ଚର୍ଯ୍ୟର କଥା ହେଉଛି, ରାଜ୍ୟରେ ପ୍ରଚୁର କୋଇଲା ଭଣ୍ଡାର (ଦେଶର ଜମା ମଧ୍ୟରୁ ଯ୨୫%)ରୁ ଆମକୁ ଏହାର ଉପଲବ୍ଧତା ହେଉଛି ଏବଂ ସିଆଇଏଲ ସବସିଡିଆରୀ ମହାନଦୀ କୋଲଫିଲଡ ଲିମିଟେଡର ଉତ୍ପାଦନ ଯ୧୫୦ ନିୟୁତ ଟନ। ବର୍ତ୍ତମାନ ପରିସ୍ଥିତିରେ ୬୫%ରୁ ଅଧିକ କୋଇଲା ଓଡ଼ିଶା ବାହାରକୁ ଯୋଗାଣ କରାଯାଉଛି। ଅନ୍ୟପକ୍ଷରେ ଓଡ଼ିଶା ଭିତିକ ଶିଳ୍ପ ସଂସ୍ଥାମାନେ କୋଇଲା ଅଭାବ ସଙ୍କଟରେ ପଡ଼ିଛନ୍ତି ଓ ,କୋଇଲା ଏବଂ ଶକ୍ତି ଆମଦାନି କରିବାକୁ ବାଧ୍ୟ ହେଉଛନ୍ତି , କାରଣ ସେମାନେ ମାତ୍ର ୩୫% ରୁ କମ କୋଇଲା ପାଉଛନ୍ତି। ଓଡ଼ିଶା ଭିତିକ ପାୱାର ପ୍ଲାଂଟ ୧୫୦୦୦ ମେଗାୱାଟ ପାଇଁ ବର୍ଷକୁ ୭୫-୮୦ ନିୟୁତ ଟନ କୋଇଲାର ଆବଶ୍ୟକ ରହିଛି, ଯାହା ବ୍ୟୟବହୁଳ ସ୍ଥାୟୀ ଶିଳ୍ପ ସଂସ୍ଥା ପାଇଁ ଓଡ଼ିଶା କୋଇଲା ଉତ୍ପାଦନର ଯ୫୦% ଅଟେ। ତେଣୁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣଯେ ଅନ୍ୟ ରାଜ୍ୟକୁ କୋଇଲା ପଠାଇବା ପୂର୍ବରୁ ଓଡ଼ିଶାର କୋଇଲା ଆାବଶ୍ୟକତା ପ୍ରଥମେ ପୂରଣ କରିବା ଉଚିତ। ସ୍ଥାନୀୟ ଶିଳ୍ପର ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଶା ରାଜ୍ୟରେ ଉତ୍ପାଦିତ କୋଇଲା ଯୋଗାଇବା ଓ ବିଶ୍ୱର ମୂଲ୍ୟ ପ୍ରତିଯୋଗିତା ବୃଦ୍ଧି କରିବା ଆବଶ୍ୟକ। ରାଜ୍ୟରେ ନିଜସ୍ୱ ଉତ୍ପାଦନ ଦ୍ୱାରା ୧୦୦% କୋଇଲା ଆବଶ୍ୟକତା ପୂରଣ ନହେବା ପର୍ଯ୍ୟନ୍ତ ଓଡ଼ିଶା ବାହାରକୁ କୋଇଲା ପଠାଯିବ ନାହିଁ। କୋଇଲା ଯୋଗାଣ ସଠିକ ରହିଲେ ହଜାର ହଜାର ନିଯୁକ୍ତି ସୃଷ୍ଟି ହେବା ସହ ଲୋକମାନଙ୍କ ସମୃଦ୍ଧିରେ ସହାୟକ ହେବ। ଏହା ମଧ୍ୟ ଓଡ଼ିଶାରେ ବୃହତ ଶିଳ୍ପ ପ୍ରତିଷ୍ଠା ଲାଗି ବିଶ୍ୱର ପୁଁ ବିନିଯୋଗକୁ ଆକର୍ଷିତ କରିବ। କୋଇଲା ଯୋଗାଣରେ ସମସ୍ୟା ବର୍ତ୍ତମାନ ରାଜ୍ୟକୁ ଘରୋଇ ମୂଲ୍ୟ ଯୋଗରୁ ବଂଚିତ କରିଛି କରୁଛି ଓ ସ୍ଥାନୀୟ ନିଯୁକ୍ତି ଓ ଏମଏସଏମଇ ସୁବିଧାକୁ ପ୍ରଭାବିତ କରୁଛି। ଆଉ ମଧ୍ୟ ରାଜ୍ୟରେ ତୀବ୍ର କୋଇଲା ଅଭାବ ଉତ୍ପାଦନ କ୍ଷେତ୍ରକୁ ପ୍ରଭାବିତ କରିବା ସହ ବିଶ୍ୱ ନିବେଶକଙ୍କ ଭାବନାରେ କ୍ଷତି ପହଂଚାଉଛି।

## ଦେଉଳି ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନିତି, କୃଷକ ପରିଷଦ କଲା ସାମ୍ବାଦିକ ସମ୍ମିଳନୀ

ଖୋର୍ଦ୍ଧା : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଦେଉଳୀ ପଂଚାୟତ ସେବା ସମବାୟ ସମିତିର ସମ୍ପାଦକ କଳ୍ପନା ସୁନ୍ଦରାୟ ବ୍ୟାପକ ଦୁର୍ନିତି କରିଥିବା ନେଇ କୃଷକ ପରିଷଦର ରାଜ୍ୟ ସଂଯୋଜକ ପ୍ରିତମ ତାଣ୍ଡିଙ୍କ ଆବାହକତ୍ୱରେ ସମିତିର ସଦସ୍ୟ/ସଦସ୍ୟା ମାନେ ଏକତ୍ରିତ ହୋଇ ଆଜି ବେଗୁନିଆ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ସମିତିର ସମ୍ପାଦକ ଆବଶ୍ୟକୀୟ ଜାଲ କାଗଜାତ ଦେଇ ନିଜ ନାମରେ ଲକ୍ଷାଧିକ ଟଙ୍କା ଋଣ ଜାଣତରେ ଗୋପନ ବୈଠକ, କମ୍ପ୍ୟୁଟର ଅପରେଟର ନିଯୁକ୍ତିରେ ଚଂଚକତା, ଚିତ୍ରଦେବ ବଳିୟାରସିଂହ ଓ ପ୍ରମୋଦ ଶ୍ରୀ ଚନ୍ଦନଙ୍କ ସମେତ ୫୦ରୁ ଉର୍ଦ୍ଧବ୍ୟକ୍ତି ଏହାକୁ ତଦନ୍ତ କରିବା ପାଇଁ ଦାବୀ କରିଛନ୍ତି ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ହ୍ୱିଲ ଚେୟାର ଓ ଉପକରଣ ବଣ୍ଟନ




ଖଣ୍ଡପଡା: ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ୨୧ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ହ୍ୱିଲ ଚେୟାର ଓ ଆନୁସଙ୍ଗିକ ଶିକ୍ଷା ଉପକରଣ ବଂଟନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ଭିନ୍ନକ୍ଷମ ଛାତ୍ରକୁ ଟ୍ରାଇ ସାଇକେଲ, ୮ଜଣଙ୍କୁ ହ୍ୱିଲ ଚେୟାର ଓ ୧୨ ଜଣଙ୍କୁ ଏମଆର କିଟ୍ ଓ ଆନୁସଙ୍ଗିକ ଶୈକ୍ଷିକ ଉପକରଣ ବଂଟନ କରାଯାଇଥିବା ଜଣାଯାଇଛି । ବିଆରସିସି ରବିନ୍ଦ୍ରନାଥ ରାତରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ସରକାର ବାଣିଶ୍ରୀ ଯୋଜନାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଏହି ସବୁ ଉପକରଣ ପ୍ରଦାନ କରିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

# ଖଣ୍ଡପଡା ପଂଚାୟତ ସମିତିର ସାଧାରଣ ଅଧିବେଶନ



ଖଣ୍ଡପଡା: ଖଣ୍ଡପଡା ପଂଚାୟତ ସମିତିର ୧୩ ତମ ସାଧାରଣ ଅଧିବେଶନ ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମସ୍ତ ଲୋକହିତକର ଯୋଜନା ଗୁଡିକ ଜନସାଧାରଣଙ୍କ ନିକଟରେ ପହଁଚାଇବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗ ଉପରେ ଆଲୋଚନା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ପଚଂାୟତସ୍ତରୀୟ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ବୈଠକରେ ବିଡିଓ ଅରୁଣୀମା ସାହୁ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ବ୍ଲକ ଉପାଧକ୍ଷା ମିନତୀ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ବରିଷ୍ଠ ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ପଂଚାୟତର ସରପଂଚ ଓ ସମିତି ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ ନକୁଳ ଚନ୍ଦ୍ର ରାଉତ ଅଧିବେଶନରେ ସଂଯୋଜନା କରିଥିବା ବେଳେ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ଅନିତ ବଡସେଟ ଧନ୍ୟବାଦ ଦେଇଥିଲେ।

# ଚିଲିକା ବିଧାୟକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାଡ ମାରିବା ଘଟଣା ମହଙ୍ଗା ପଡିଲା : କୋର୍ଟରେ ଆତ୍ମ ସମର୍ପଣ ପରେ ଗିରଫ

ଖୋର୍ଦ୍ଧା:ଗତ ସେପ୍ଟେମ୍ବର ମାସ ୮ ତାରିଖ ଦିନଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଏନଏସିରେ ଭଡା ଓ ଘର ବଂଟା ଚାଲିଥିବା ସମୟରେ ଚିଲିକା ବିଧାୟକ ଗଣେଶ ଜଗଦ୍ଦେବ ପହଂଚି ବିଜେପି ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ । ଏ ନେଇ ଉଭୟଙ୍କ ପକ୍ଷରୁ ବାଲୁଗାଁ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଦେଖି ବିଜେପି କର୍ମୀମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏ ନେଇ ବିଧାୟକ ଶ୍ରୀ ଜଗଦେବ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ମାନ୍ୟବର ବିଚାରପତି ଅଗ୍ରାହ୍ୟ କରି ଜିଲ୍ଲା ଦେୱାନୀ ଓ ଫୌଜଦାରୀ କୋର୍ଟରେ ଜାମିନ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଆଜି ପୂର୍ବାହ୍ନରେ ଶ୍ରୀ ବିଧାୟକଙ୍କ ଉପସ୍ଥିତିରେ ଦୌରା ଜଜ ଶୁଣାଣୀ କରି ସ୍ଥଗିତ ରଖିଥିଲେ ।ଏହି ସମୟରେ ଖୋର୍ଦ୍ଧା କୋର୍ଟ ପରିସରରେ ବହୁ ବିଜେଡି କର୍ମିମାନେ ଉପସ୍ଥିତ ରହି ଶୁଣାଣୀ ଶେଷ ପର୍ଯ୍ୟନ୍ତ ରହିଥିଲେ । ଶେଷରେ ଶୁଣାଣୀର ରାୟ ସଂନ୍ଧ୍ୟାରେ ରାୟ ପ୍ରକାଶ ପାଇବା ପରେ ଶ୍ରୀ ଜଗଦେବଙ୍କୁ ଗିରଫ କରାଯାଇ ମେଡିକାଲରେ ମାଇନା କରାଯାଇ ଜେଲକୁ ପଠାଇ ଦିଆଯାଇଛି । ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଖୋର୍ଦ୍ଧା ଏସପି ପୋଲିସ ଫୋର୍ସର ବନ୍ଦୋବସ୍ତ କରିଥିଲେ।

# ଏଚ୍‌ସିଏଲ୍ ପକ୍ଷରୁ ଏଚ୍‌ସିଏଲ୍ ଜିଗ୍‌ସର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର : ଆମେରିକାର ୧୦.୫ ବିଲିୟନ ଆମେରିକୀୟ ଡଲାରର ବିଶ୍ୱସ୍ତରୀୟ କମ୍ପାନୀ ଏଚ୍‌ସିଏଲ୍ ପକ୍ଷରୁ ଏଚ୍‌ସିଏଲ୍ ଜିଗ୍‌ସର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଜିଗ୍‌ସର ଦ୍ୱିତୀୟ ସଂସ୍କରଣ ପାଇଁ ପଞ୍ଜିକରଣ ଖୋଲା ରହିଛି। ନୂତନ ଶିକ୍ଷା ନୀତି ଅନୁସାରେ ବହୁ ସ୍ତରୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଭାରତର ଯୁବବର୍ଗଙ୍କ ସମସ୍ୟା ସମାଧାନକାରୀଙ୍କୁ ଚିହ୍ନଟ କରି ପୁରସ୍କାର ପ୍ରଦାନ ପାଇଁ ଏହା ଆରମ୍ଭ ହୋଇଛି। ଏଥିରେ ୬ ରୁ ୯ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବାସ୍ତବ ଦୁନିଆର ଆହ୍ୱାନର ସମାଧାନ ପାଇଁ କାର୍ଯ୍ୟ କରିବେ। ପ୍ରଥମ ସଂସ୍କରଣ ପାଇଁ ୧୯୦୦ ରୁ ଅଧିକ ବିଦ୍ୟାଳୟର ପ୍ରାୟ ୭୦୦୦ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିଲେ। ପ୍ରତିଯୋଗିତାରେ ଛାତଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସୃଜନଶୀଳ ଚିନ୍ତାଧାରା ଦ୍ୱାରା ବିଚାରକ ମଣ୍ଡଳୀ ବେଶ୍ ପ୍ରଭାବିତ ହୋଇଥିଲେ। ଆଗ୍ରହୀ ଛାତ୍ରଛାତ୍ରୀ କିମ୍ବା ବିଦ୍ୟାଳୟଗୁଡ଼ିକ ଭାରତ ବ୍ୟାପୀ ଏହି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ପାଇଁ www.hcljigsaw.comରେ ନଭେମ୍ବର ୨୬, ୨୦୨୧ ସୁଦ୍ଧା ପଞ୍ଜିକୃତ ହୋଇପାରିବେ। ଏହି ପ୍ରତିଯୋଗିତା ଭର୍ଚୁଆଲ ମାଧ୍ୟମ ତିନି ରାଉଣ୍ଡରେ ହେବ। ଏହାର ଯୋଗ୍ୟତା ପର୍ଯ୍ୟାୟ (ଡିସେମ୍ବର ୩ - ୮, ୨୦୨୧), ଡିସେମ୍ବର ୧୮ ରେ ସେମିଫାଇନାଲ ଏବଂ ଡିସେମ୍ବର ୧୯ ରେ ଫାଇନାଲ କରାଯିବ। ବିଜେତାମାନେ ୧ ଲକ୍ଷ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଉପହାର ଏବଂ ଗ୍ୟାଜେଟ ପାଇବେ। ପ୍ରତ୍ୟେକଙ୍କୁ ଏଚ୍‌ସିଏଲ୍ ଇନିୟରିଂ ଏବଂ ଇନୋଭେସନ ଲ୍ୟାବରେ ଶିକ୍ଷାର ସୁଯୋଗ ପ୍ରଦାନ ମଧ କରାଯିବ।ଏସମ୍ପର୍କରେ ସୂଚନା ଦେଇ ଏଚ୍‌ସିଏଲ୍ କର୍ପୋରେଶନର ରଣନୀତି ସଭାପତି ସୁନ୍ଦର ମହାଲିଙ୍ଗମ କହିଲେ, ଉଦଘାଟନୀ ରାଉଣ୍ଡ ପାଇଁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କ ଉତ୍ସାହଜନକ ମତାମତ ଆଧାରରେ ଆମେ ଜିଗ୍‌ସର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରିଛୁ। ଦ୍ରୁତ ବିକାଶଶୀଳ ଦୁନିଆରେ ଯୁବକ ମାନସିକତା ବୃଦ୍ଧି ପାଇଁ ସମାଲୋଚକ ଚିନ୍ତାଧାରା ଦକ୍ଷତା ପ୍ରତିପାଦନ କରିବା ଜରୁରୀ। ଏକ୍ଷେତ୍ରରେ ଶିକ୍ଷକ ଏବଂ ବିଦ୍ୟାଳୟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ସଂସ୍କରଣରୁ ଆରମ୍ଭ କରି ଆମେ ଶିକ୍ଷାବିତମାନଙ୍କ ବିକାଶ କରିବାକୁ ଯୋଜନା କରିଛୁ। ଚୟନ ହୋଇଥିବା ବିଦ୍ୟାଳୟଗୁଡିକ ସେମାନଙ୍କ ଶିକ୍ଷକମାନଙ୍କ ପାଇଁ ବର୍ଦ୍ଧିତ ଏକବିଂଶ ଶତାବ୍ଦୀର ଶିକ୍ଷକ ଦକ୍ଷତା ଏବଂ ପ୍ରତିବଦଳରେ ଏକବିଂଶ ଶତାବ୍ଦୀର ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଶିକ୍ଷଣ ଏବଂ କର୍ମଶାଳାରେ ପ୍ରବେଶ କରିବାର ସୁଯୋଗ ହାସଲ କରିବେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ତିନୋଟି ପ୍ରାଥମିକ ଯୋଗ୍ୟତା ସହିତ ୧୦ଟି ମାନଦଣ୍ଡ ଅନୁସାରେ ମୂଲ୍ୟାଙ୍କନ କରାଯିବ। ଅନୁସନ୍ଧାନ ଦକ୍ଷତା- ଏହା ଛାତ୍ରମାନଙ୍କୁ ସେମାନଙ୍କୁ ସମସ୍ୟାକୁ ବ୍ୟାଖ୍ୟା କରିବାରେ, ଅନୁସନ୍ଧାନ / କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାରେ ଏବଂ ସୂଚନା ସଂଗ୍ରହ ଏବଂ ସଂଗଠିତ କରିବାରେ କେତେ ସକ୍ଷମ ଅଛନ୍ତି, ତାହା ପ୍ରମାଣିତ କରାଇବ। ଯୋଗାଯୋଗ ପ୍ରକ୍ରିୟା- ଏକ ସମନ୍ୱିତ ସୂଚନା ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ଆକଳନ କରାଯାଇ ସେମାନଙ୍କୁ ଦିଆଯାଇଥିବା ସୂଚନାର ପ୍ରସଙ୍ଗ ଏବଂ ଉଦ୍ଦେଶ୍ୟକୁ ବୁଝିବାରେ ପ୍ରୟାସ କରାଯିବ। ସମାଲୋଚକ ଭାବରେ ଚିନ୍ତା କରିବା - ଯଦି ଛାତ୍ରଛାତ୍ରୀ ସୂଚନାକୁ ସଠିକ ଭାବରେ ବ୍ୟାଖ୍ୟା କରି ଦାବିଗୁଡିକର ମୂଲ୍ୟାଙ୍କନ କରିବାକୁ ଏବଂ ସିଦ୍ଧାନ୍ତ ନେବାକୁ ସକ୍ଷମ ହୁଅନ୍ତି ତେବେ ଏହାକୁ ମୂଲ୍ୟାଙ୍କନ କରାଯିବ। ଏଚ୍‌ସିଏଲ୍ ଜିଗ୍‌ସ ୨.୦ ର ତିନୋଟି ପର୍ଯ୍ୟାୟରେ ରହିଛି ଯଥା ଯୋଗ୍ୟତା ପର୍ଯ୍ୟାୟ - ୨୦୨୧ ଡିସେମ୍ବର ୩ - ୮ ସମ୍ପନ୍ନ କରାଯିବ। ମୂଲ୍ୟାଙ୍କନ ଅନୁକୂଳ ହେବ ଏବଂ ପ୍ରତିଯୋଗିତା ପାଇଁ ପ୍ରଶ୍ନଗୁଡିକ ସେମାନଙ୍କର ନିର୍ଦ୍ଦିଷ୍ଟ ବୟସ ଶ୍ରେଣୀ ମଧ୍ୟରେ ମୂଲ୍ୟାଙ୍କନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରହିଛି। ଏହି ରାଉଣ୍ଡର ସମସ୍ତ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦକ୍ଷତା ଉପରେ ସେମାନଙ୍କର କାଯ୍ୟଦକ୍ଷତାର ବ୍ୟକ୍ତିଗତ ମୂଲ୍ୟାଙ୍କନ ରିପୋର୍ଟ ପାଇବେ, ସେମାନଙ୍କର ଉନ୍ନତି ଏବଂ ବିକାଶ ପାଇଁ ଏକ ରୋଡ ମ୍ୟାପ ପ୍ରଦାନ କରାଯିବ। ସେମିଫାଇନାଲ- ୨୦୨୧ ଡିସେମ୍ବର ୧୮ରେ ଅନୁଷ୍ଠିତ ହେବ।ଏହି ପର୍ଯ୍ୟାୟ ପାଇଁ ପ୍ରତ୍ୟେକ ଶ୍ରେଣୀରୁ ୨୦ ପ୍ରତିଶତ ଯୋଗ୍ୟତା ଅର୍ଜନ କରିବେ। ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପର୍ଯ୍ୟାୟରେ ଏକ ଦଳରେ ଗୋଷ୍ଠୀଭୁକ୍ତ ହେବେ ଏବଂ ଏକ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ ଏ ଭର୍ଚୁଆଲ ପ୍ରକୋଷ୍ଠରେ କାର୍ଯ୍ୟ କରିବେ । ଫାଇନାଲ- ୨୦୨୧ ଡିସେମ୍ବର ୧୯ରେ ଅନୁଷ୍ଠିତ ହେବା। ଏହି ପର୍ଯ୍ୟାୟରେ ମୋଟ ୩୬ ଛାତ୍ରଛାତ୍ର ପ୍ରତିଯୋଗୀତା କରିବେ। ଫାଇନାଲରେ ଛାତ୍ରଛାତ୍ରୀମାନେ ପୃଥକ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଏ ଥିମ୍ ଆଧାରିତ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ ସେମାନଙ୍କର ଯୋଜନା ବିଶେଷଜ୍ଞ ଜୁରୀମଣ୍ଡଳରେ ଉପସ୍ଥାପନ କରିବେ। ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ତିନିଜଣ ଛାତ୍ର (ସମୁଦାୟ ୧୨ ଜଣ ଛାତ୍ର) ଭାରତର ଶ୍ରେଷ୍ଠ ଯୁବ ସମସ୍ୟା ସମାଧାନକାରୀ ଟାଇଟଲ ଜିତିବେ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ସହିତ ବିଭିନ୍ନ ଗ୍ୟାଜେଟ ପାଇବେ। ବିଜେତାଙ୍କୁ ଏଚ୍‌ସିଏଲ୍ ଇନିୟରିଂ ଏବଂ ଇନୋଭେସନ ଲ୍ୟାବରେ ଶିକ୍ଷାର ସୁଯୋଗ ପ୍ରଦାନ ମଧ କରାଯିବ ।ପ୍ରଥମରେ, ଏଚ୍‌ସିଏଲ୍ ଜିଗ୍‌ସ ସେହି ବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ଦେବ ଯେଉଁଗୁଡ଼ିକ ଦେଶ ପାଇଁ ଭବିଷ୍ୟତର ସମସ୍ୟା ସମାଧାନକାରୀ ଗଠନ କରିବାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ଦିଲ୍ଲୀ ଏନସିଆରର ଶିବ ନାଦର ବିଶ୍ୱବିଦ୍ୟାଳୟ କିମ୍ବା ଶିବ ନାଦର ବିଦ୍ୟାଳୟରେ ଏକ କର୍ମଶାଳା ବିଶେଷଜ୍ଞ ଅଧାପକଙ୍କ ଦ୍ୱାରା ଏହା ପରିଚାଳିତ ହୋଇ ଶିକ୍ଷକମାନଙ୍କ ପାଇଁ ସମସ୍ୟା ସମାଧାନ ତଥା ଅନଲାଇନ ଶିକ୍ଷଣ ପ୍ଲାଟଫର୍ମରେ ପ୍ରବେଶ କରି ପାରିବେ। ଏହି କର୍ମଶାଳାଗୁଡ଼ିକ ଡିଜାଇନ ଚିନ୍ତାଧାରା ଏବଂ ନବସୃଜନ, ବୈଜ୍ଞାନିକ ଅନୁସନ୍ଧାନ, ଡ୍ରାମା ଉପକରଣ, ପ୍ରଭାବଶାଳୀ ମତାମତ ଦେବା, ବ୍ୟକ୍ତିଗତ ପଥ ପରିକଳ୍ପନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷକମାନଙ୍କୁ ତାଲିମ ଦେବ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray